ବର୍ଷ-୨୫, ସଂଖ୍ୟା-୭୭
ଭୁବନେଶ୍ୱର
୨୦, ମାର୍ଚ୍ଚ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 77
Bhubaneswar
20 March, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଓଡ଼ିଶାରେ ଶିଷା ପାଉଲେ ପ୍ରିୟଙ୍କା



# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ଦାବି



**ଭୁବନେଶ୍ୱର,୧୯।୩(ମହାଭାରତ):** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ଉଚିତ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାସଙ୍କ ପରିବାରଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭରସା ଦେଇଛନ୍ତି। ସ୍ୱର୍ଗତ ଦାସଙ୍କ ପତ୍ନୀ ଶ୍ରୀମତୀ ମୀନତି ଦାସ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ତାଙ୍କ କନ୍ୟା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁତ୍ର ବିଶାଳ ଦାସ ମଧ୍ୟ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏହି ଘଟଣାରେ ସରକାର ସବୁ ଦିଗକୁ ପୁଣି ଥରେ ତନ୍ନ ତନ୍ନ କରି ପରୀକ୍ଷା କରିବେ ଏବଂ ପ୍ରକୃତ ଦୋଷୀଙ୍କୁ ଖୋଜି ବାହାର କରିବେ ଆଇନର ମର୍ଯ୍ୟାଦା ମଧ୍ୟରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଥିଲେ। ଶ୍ରୀମତୀ ଦାସଙ୍କୁ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ଯେ କୌଣସି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଅବଗତ କରାଇପାରିବେ। ସେ ନିଜେ ଓ ତାଙ୍କ ସରକାର ନ୍ୟାୟ ସପକ୍ଷରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବ୍ୟକ୍ତିଗତ ଭାବେ ଭେଟି ଏହି ଆଲୋଚନା କରିଥିବାରୁ ଏବଂ ନ୍ୟାୟ ମିଳିବାର ଭରସା ଦେଇଥିବାରୁ ଶ୍ରୀମତୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଆଲୋଚନା ସମୟରେ ଲୋକସେବା ଭବନରେ ପହଞ୍ଚିଥିଲେ ପୋଲିସ ଡିଜି ୱାଇ.ବି. ଖୁରାନିଆ। ଏବଂ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର।

ଦୀପାଳି ଦାସ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ନିବେଦନ କଲୁ। ସିବିଆଇ ତଦନ୍ତ କରାଇବା ପାଇଁ ଅନୁରୋଧ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେଲୁ।ମୁଖ୍ୟମନ୍ତ୍ରୀ ଏନେଇ ବିଚାର କରିବେ ବୋଲି ଆମକୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ ପୂରା ଭରସା ଅଛି ନିରପେକ୍ଷ ତଦନ୍ତ କରାଇବେ। ତେବେ ଗତ ଦୁଇ ଦିନ ଧରି କ୍ରାଇମବ୍ରାଞ୍ଚ ନବ ଦାସଙ୍କ ଘରକୁ ଯାଇ ପରିବାର ଲୋକଙ୍କ ବୟାନ ରେକର୍ଡ଼ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସମୟ ମାଗିଥିଲେ ନବଙ୍କ ପରିବାର।ସେପଟେ ଆଜି ମଧ୍ୟ ସକାଳୁ ଝାରସୁଗୁଡ଼ାରେ ନବ ଦାସଙ୍କ ଘରେ ପହଞ୍ଚି ତଦନ୍ତ କରିଛି କ୍ରାଇମବ୍ରାଞ୍ଚ ଟିମ୍। ନବଙ୍କୁ ଗୁଳିମାଡ଼ ପରେ ତାଙ୍କୁ କିଭଳି ଚିକିତ୍ସା କରାଯାଇଥିଲା। ସେ ନେଇ ନବଙ୍କ ପତ୍ନୀ ମିନତୀ ଦାସଙ୍କ ବୟାନ ରେକର୍ଡ଼ କରିଛି କ୍ରାଇମବ୍ରାଞ୍ଚ ଟିମ୍। ଏଥିସହ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଘଟଣା ଦିନ ନବଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି ତଦନ୍ତକାରୀ ଅଧିକାରୀ। ନବଙ୍କୁ ଗୁଳିମାଡ଼ ପରେ କେତେବେଳେ କେଉଁ ବିମାନରେ ତାଙ୍କୁ ଭୁବନେଶ୍ୱର ଏୟାରଲିଫ୍ଟ କରାଯାଇଥିଲା, ତାଙ୍କ ସହ କେଉଁ କର୍ମଚାରୀ ଥିଲେ ସେସବୁ ଜାଣିବା ଲାଗି ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି କ୍ରାଇମବ୍ରାଞ୍ଚ ଟିମ୍। ତେବେ ନବ ଦାସ ଗୁଳିମାଡ଼ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ମୂଳରୁ ଆରମ୍ଭ ହୋଇନି ବରଂ ତଦନ୍ତ ଓପନ୍ ଥିଲା, ଯେହେତୁ ଆଇଓ ବଦଳିଛନ୍ତି ତେଣୁ ତଦନ୍ତ ଚାଲିଛି ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀ କହିଛନ୍ତି।

# ଏପ୍ରିଲ ୨ରୁ ସକାଳୁଆ ସ୍କୁଲ

**ଭୁବନେଶ୍ୱର,୧୯।୩(ମହାଭାରତ):** ଏପ୍ରିଲ ୨ରୁ ରାଜ୍ୟରେ ସକାଳୁଆ ସ୍କୁଲ ହେବ। ସେହିପରି ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ଚାଲିବ ଅଙ୍ଗନବାଡ଼ି କେନ୍ଦ୍ର। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତି ନେଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ଏହାସହିତ ଦିନ ୧୧ଟାରୁ ଅପରାହ୍ନ ୩ଟା ଶ୍ରମିକଙ୍କୁ କାମ କରାଇବା ମନା। ଅଘୋଷିତ ବିଜୁଳି କାଟ ହେବନି କହିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ସକାଳ ୭ ଟା ରୁ ୯ ଟା ଯାଏଁ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କୁ ଚିଠି କରାଯାଇଛି । ଆବଶ୍ୟକସ୍ଥଳେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିଜ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ଛୁଟି କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି।

# ଖାଲି ପଡ଼ିଛି ୫ ହଜାର ୮୩୪ ଡାକ୍ତର ପଦବୀ

**ଭୁବନେଶ୍ୱର, ୧୯।୩ (ମହାଭାରତ):** ଡାକ୍ତର ମରୁଡ଼ିରେ ରାଜ୍ୟରେ ଚାଲିଛି ଚିକିତ୍ସା ସେବା। ଫାଙ୍କା ପଡ଼ିଛି ୫ ହଜାର ୮୩୪ ଡାକ୍ତର ପଦବୀ। ଏପରିକି ବିଶେଷଜ୍ଞ ଡାକ୍ତର ପଦବି ମଧ୍ୟରୁ ୫୫ ଭାଗ ଖାଲି ପଡ଼ିଛି। ରାଜ୍ୟରେ ଯେତିକି ଡାକ୍ତର ଅଛନ୍ତି, ସେମାନଙ୍କ ମଧ୍ୟରୁ ଦୀର୍ଘଦିନ ହେଲା ଛୁଟିରେ ଅଛନ୍ତି ୧୯୬ ଜଣ। ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ। ଅନ୍ୟପକ୍ଷରେ ଡାକ୍ତର ସଂଘ କହିଛି, ଡାକ୍ତର ପଦବି ପୂରଣ ଲାଗି ସରକାରଙ୍କ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ଦାୟୀ।

ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ଅଧା ଡାକ୍ତର ପଦବି ଖାଲି ପଡ଼ିଛି। ଏଠାରେ ୧୪୦ ଡାକ୍ତର ପଦବୀ ମଞ୍ଜୁର ହୋଇଥିବା ବେଳେ ଅଛନ୍ତି ମାତ୍ର ୭୨ ଜଣ। ଆନାସ୍ଥେସିଆ, ହୃଦରୋଗ, ଛାତିରୋଗ ଭଳି ବିଭାଗରେ ଜଣେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି।

ସେହିପରି ପୁରୀ ଜିଲ୍ଲାରେ ୩୮୫ ଜଣ ଡାକ୍ତର ପଦବି ଥିବା ବେଳେ ଅଛନ୍ତି ମାତ୍ର ୧୫୧ ଜଣ। ଅର୍ଥାତ୍ ଖାଲି ପଡ଼ିଛି ୬୧ ଭାଗ ଡାକ୍ତର ପଦବି। ନୟାଗଡ଼ ଜିଲ୍ଲାର ବିଭିନ୍ନ ବିଭାଗରେ ୮୨ଟି ବିଶେଷଜ୍ଞ ଡାକ୍ତର ପଦବୀ ରହିଥିବା ବେଳେ ଅଛନ୍ତି ମାତ୍ର ୩ ଜଣ। ୭୯ ବିଶେଷଜ୍ଞ ଡାକ୍ତର ପଦବି ଫାଙ୍କା ପଡ଼ିଛି। ଜିଲ୍ଲାରେ ମେଡିସିନ୍, ସ୍ତ୍ରୀ ରୋଗ, ଶିଶୁ, ସର୍ଜରୀ, ଆନାସ୍ଥେସିଆ, ଆଖି, ଅସ୍ଥିଶଲ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ନାହାନ୍ତି।

ସାରା ରାଜ୍ୟରେ ଡାକ୍ତର ଅଭାବର ସମାନ ଚିତ୍ର। ଡାକ୍ତର ମରୁଡ଼ିରେ ଚାଲିଛି ସରକାରୀ ଡାକ୍ତରଖାନା। ବିଧାନସଭାରେ ବି ଏହାକୁ ସ୍ୱୀକାର କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଲିଖିତ ଉତ୍ତରରେ କହିଛନ୍ତି, ରାଜ୍ୟରେ ୩୭ ପ୍ରତିଶତ ବା ୫ ହଜାର ୮୩୪ ଡାକ୍ତର ପଦବି ଫାଙ୍କା ପଡ଼ିଛି। ରାଜ୍ୟରେ ମୋଟ ୧୫ ହଜାର ୭୭୪ ମଞ୍ଜୁରପ୍ରାପ୍ତ ଡାକ୍ତର ପଦବି ଥିବା ବେଳେ କାର୍ଯ୍ୟରତ ଅଛନ୍ତି ମାତ୍ର ୯ ହଜାର ୯୪୦ ଡାକ୍ତର। ସେହିଭଳି ବିଶେଷଜ୍ଞ ଡାକ୍ତର କ୍ଷେତ୍ରରେ ସ୍ଥିତି ଅତି ସଙ୍ଗୀନ। ଫାଙ୍କା ପଡ଼ିଛି ୧ ହଜାର ୫୪୦ ବିଶେଷଜ୍ଞ ଡାକ୍ତର ପଦବି। ଅନ୍ୟ ଏକ ଲିଖିତ ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ନିଯୁକ୍ତ ହୋଇଥିବା ଡାକ୍ତରଙ୍କ ମଧ୍ୟରୁ ୧୯୬ ଜଣ ଦୀର୍ଘଦିନ ହେଲା ଛୁଟିରେ ଅଛନ୍ତି। ସରକାରୀ ନିୟମ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି।

ଓଡ଼ିଶା ମେଡିକାଲ୍ ସର୍ଭିସ ଆସୋସିଏସନ୍-ଓମ୍ସା କହିଛି, ଡାକ୍ତର ପଦବି ପୂରଣ ଲାଗି ସଂଘ ବାରମ୍ବାର ସରକାରଙ୍କୁ ଦାବି କରିଆସୁଛି। ହେଲେ କୌଣସି ସୁଫଳ ମିଳୁନି। ରୋଗୀ-ଡାକ୍ତର ଅନୁପାତ ଢେର ଅଧିକ ରହୁଥିବାରୁ ବହୁ ସମୟରେ ଡାକ୍ତରମାନେ ଚାପରେ ରହୁଛନ୍ତି। ଅନ୍ୟପଟେ ନିକଟରେ ୫ ହଜାର ୨୪୮ ଡାକ୍ତର ପଦବି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ, ସେଥିରେ ଅଣସଂରକ୍ଷିତ ବର୍ଗ ଲାଗି ମାତ୍ର ୪୧୧ ଓ ଏସ୍‌ଇବିସି ବର୍ଗ ପାଇଁ ୭୩୬ଟି ପଦବି ରହିଛି। ହେଲେ ଏସ୍‌ସି-ଏସ୍‌ଟି ବର୍ଗ ପାଇଁ ୪ ହଜାର ୧୦୧ ପଦବି ସଂରକ୍ଷିତ ରଖାଯାଇଛି। ଏସ୍‌ସି-ଏସ୍‌ଟି ବର୍ଗରେ ରାଜ୍ୟରେ ଏତେ ସଂଖ୍ୟକ ଡାକ୍ତର ନଥିବା ବେଳେ କିଭଳି ଡାକ୍ତର ପଦବି ପୂରଣ ହେବ ବୋଲି ସେ ନେଇ ପ୍ରଶ୍ନ କରିଛି ଓମ୍ସା।

# ବିଧାନସଭାରେ ହଙ୍ଗାମା

**ଭୁବନେଶ୍ୱର, ୧୯।୩(ମହାଭାରତ):** କଂଗ୍ରେସ ବିଧାୟକ ମାନଙ୍କର ହଟ୍ଟଗୋଳ ଓ ନାବାରାଜୀ କାରଣରୁ ଆଜି ବିଧାନସଭାରେ ଗୃହ କାର୍ଯ୍ୟ ବାଧିତ ହୋଇଛି। ଏହି କାରଣରୁ ଆଜି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବାଚସ୍ପତି ଗୃହକୁ ୧୨ ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି ।ପରେ ମଧ୍ୟ ସମାନ ସ୍ଥିତି ଉପୁଜ ହେବାରୁ ଗୃହକୁ ଅପରାହ୍ନ ୪ଟାଯାଏ ମୁଲତବୀ ଘୋଷଣା କରାଯାଇଛି। ଆଜି ନିର୍ଦ୍ଧାରିତ ୧୦.୩୦ ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ ।ହେଲେ କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ମହିଳା ନିର୍ଯ୍ୟାତନା ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ। ବାଚସ୍ପତି କଂଗ୍ରେସ ବିଧାୟକ ମାନଙ୍କୁ ସେମାନଙ୍କର ନିଜ ନିଜ ସ୍ଥାନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ ।ହେଲେ ତାଙ୍କର ଅନୁରୋଧକୁ କଂଗ୍ରେସ ବିଧାୟକ ମାନେ ଶୁଣି ନ ଥିଲେ ଓ ହଟ୍ଟଗୋଳ ଜାରି ରଖିଥିଲେ । ଏହି କାରଣରୁ ବାଚସ୍ପତି ଗୃହକୁ ୧୨ ଟା ଯାଏ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ ।ଏହା ପରେ ଦିନ ୧୨ଟାରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ବିଧାୟକ ମାନେ ସେମାନଙ୍କର ହଟ୍ଟଗୋଳ ଜାରି ରଖିଥିଲେ।

# ପୃଥିବୀକୁ ଫେରିଲେ ସାହାସୀ ସୁନୀତା

**ନୂଆଦିଲ୍ଲୀ,୧୯।୩:ଫ୍ଲୋରିଡା,୧୯।୩(ଏଜେନ୍ସି):** ନ୍ୟାସନାଲ ଏରୋନେଟିକ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ ସହ ଜଡିତ ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ ଓ ବୁଚ ୱିଲମୋର ପୃଥିବୀକୁ ଫେରିଛନ୍ତି। ପୃଥିବୀକୁ ଫେରିବା ପରେ ଉଭୟଙ୍କ ମୁହଁରେ ହସ ଥିଲା। ପୃଥିବୀକୁ ଫେରିଥିବାରୁ ଧନ୍ୟବାଦ ଦେଇଥିଲେ। ଏ ନେଇ ଭାରତ ସମେତ ବିଶ୍ୱବ୍ୟାପୀ ଖୁସିର ଲହରୀ ଦେଖିବାକୁ ମିଳିଛି। ଫ୍ଲୋରିଡା କୂଳରେ ତାଙ୍କର ସଫଳ ଲ୍ୟାଣ୍ଡିଂ ହୋଇଛି। ଉଭୟ ମହାକାଶଯାତ୍ରୀଙ୍କୁ ନେଇ ସ୍ପେସଏକ୍ସ କ୍ରୁ-୯ ପୃଥିବୀକୁ ଫେରିଛି । ନାସାର ଏହି ଦୁଇ ମହାକାଶଯାତ୍ରୀ ମାତ୍ର ୮ ଦିନ ମିଶନରେ ଯାଇଥିଲେ। ଟେକ୍ନିକାଲ ତ୍ରୁଟି କାରଣରୁ ଉଭୟ ୯ମାସ ୧୩ ଦିନ ଯାଏ ମହାକାଶରେ ଫସିରହିଥିଲେ ।



ନାସାରେ ନିଜ ୱେବସାଇଟରେ ଲେଖିଛି ଯେ- ଘରକୁ ଆପଣଙ୍କୁ ସ୍ୱାଗତ ! ନାସାର ସ୍ପେସଏକ୍ସ କ୍ରୁ-୯ ବିଜ୍ଞାନ ମିଶନ ପରେ ପୃଥିବୀକୁ ଫେରିଆସିଛି । ଏବେ ସମସ୍ତ ଭେଟିବେ ନିଜ ପରିବାରକୁ- ନାସାର ୱେବସାଇଟ୍ ଅନୁଯାୟୀ, ନିକ୍ ହେଗ୍, ସୁନୀତା ୱିଲିୟମ, ବୁଚ୍ ୱିଲମୋର ଓ ରୋସ୍କୋସ୍ମୋସର ମହାକାଶଚାରୀ ଆଲେକ୍ସଜାଣ୍ଡାର୍ ଗୌରବୁନୋଭ ପୂର୍ବ ସମୟ ସନ୍ଧ୍ୟା ୫:୫୭ ସମୟରେ ପୃଥିବୀକୁ ଫେରିଛନ୍ତି। ସ୍ପେସଏକ୍ସ ରିକଭରୀ ଜାହାଜରେ ଥିବା ଟିମ ମହାକାଶଯାନ ଏବଂ ଏହାର ଚାଳକମାନଙ୍କୁ ବାହାରକୁ ବାହାରି କରିଛନ୍ତି ।ଉପକୂଳକୁ ଫେରିବା ପରେ, ଚାଳକ ଦଳ ହ୍ୟୁଷ୍ଟନରେ ନାସାର ଜନସନ ସ୍ପେସ୍ ସେଣ୍ଟରକୁ ଉଡାଣ ଭରିବେ। ସମସ୍ତେ ସେଠାରେ ସେମାନଙ୍କ ପରିବାରକୁ ଭେଟିବେ । ନାସାର ସ୍ପେସଏକ୍ସ କ୍ରୁ-୯ ମଙ୍ଗଳବାର ଆନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍ ପାଇଁ ଏଜେନ୍ସିର ନବମ ବାଣିଜ୍ୟିକ କ୍ରୁ ଷ୍ଟେସନ ମିଶନକୁ ପୂରଣ କରିଛି । ଆମେରିକାରର ଫ୍ଲୋରିଡାର ତଲ୍‌ହାସୀ ଉପକୂଳରୁ ସ୍ପେସଏକ୍ସ ଡ୍ରାଗନ ମହାକାଶ ଯାନରେ ସୁରକ୍ଷିତ ଭାବେ ଅବତରଣ କରିଛି ।ଜେନେଟ ପେଟ୍ରୋ କହିଲେ-ଏହା ଟ୍ରମ୍ପଙ୍କ କାରଣରୁ ସମ୍ଭବ ହୋଇଛି – ନାସାର କାର୍ଯ୍ୟକାରୀ ଶାସନ ଜେନେଟ ପେଟ୍ରୋ କହିଛନ୍ତି ଯେ, ଆମେ ସୁନୀତା, ବୁଚ, ନିକ୍ ଓ ଆଲେକଜାଣ୍ଡରଙ୍କ ସୁରକ୍ଷିତ ଘର ଫେରିବାକୁ ନେଇ ରୋମାଂଚିତ ।ସେ କହିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ନାସା ଓ ସ୍ପେସଏକ୍ସର ଏକମାସର ପରିଶ୍ରମ ସଫଳ ହୋଇଛି । ଅନ୍ତର୍ଜାତୀୟ ଚାଳକ ଦଳ ଓ ପୃଥିବୀରେ ଥିବା ଆମେ ଟିମ୍ ସମସ୍ତଙ୍କୁ ଘରକୁ ଫେରାଇଆଣିବା ପାଇଁ କଠୋର ପରିଶ୍ରମ କରିଛନ୍ତି ।ନାସାର ଏଭଳି ମିଶନ ମାନବତାର ଲାଭ ପାଇଁ ଅଟେ। ହେଗ ଓ ଗୌରବୁନୋଭ ୨୦୨୪ ସେପ୍ଟମ୍ବର ୨୮ ଦ୍ୱିପ୍ରହର ୧.୧୭ ମିନିଟ ସମୟରେ ଫ୍ଲୋରିଡାର କେ କେନାଭରେଲ ସ୍ପେସ ଫୋର୍ସ ଷ୍ଟେସନର ସ୍ପେସ ଲଂଚ କମ୍ପ୍ଲେକ୍ସ ୪୦ରୁ ସ୍ପେସଏକ୍ସ ଫାଲକନ ୯ ରକେଟରେ ଉଡାଣ ଭରିଥିଲା । ସୁନୀତା ୱିଲିୟମ ଓ ୱିଲମୋରଙ୍କୁ ବୋଇଂଗର ଷ୍ଟାରଲାଇନର ମହାକାଶ ଯାନ ଓ ୟୁନାଇଟେଡ ଲଂଚ ଆଲାଏନ୍ସ ଆଟଲାସ ବି ରକେଟରେ ୨୦୨୪ ଜୁନ ୫ରେ ସ୍ପେସ ଲଂଚ କମ୍ପ୍ଲେକ୍ସ ୪୧ରେ ଏଜେନ୍ସିର ବୋଇଂଗ କ୍ରୁ ଫ୍ଲାଇଟ ଟେଷ୍ଟର ଅଂଶ ଭାବେ ଲଂଚ କରାଯାଇଥିଲା । ଉଭୟେ ଜୁନ ୬ରେ ମହାକାଶ ଷ୍ଟେସନରେ ପହଂଚିଥିଲେ ।

# ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ



**ଭୁବନେଶ୍ୱର,୧୯।୩(ମହାଭାରତ):** ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ପ୍ରତୀକ। ଏହା ଆମର ପରିଚୟ ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ ହଜାର ହଜାର ହସ୍ତତନ୍ତ କାରିଗରମାନଙ୍କୁ ଏହା କେବଳ ଜୀବନ ଜୀବିକା ଯୋଗାଇନି ବରଂ ସ୍ୱାବଲମ୍ବୀ ହେବାର କଳା ଶିଖାଇଛି। ଏହି ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଓ ଅଙ୍ଗୀକାରବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ ୧୯ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ଭାବବିହ୍ୱଳ ହୋଇ କହିଥିଲେ ଯେ, ପୂର୍ବରୁ ଏହି ମେଳାକୁ ମୁଁ ଅନେକବାର ବୁଲିବା ପାଇଁ ଆସିଛି। ଆଜି ଓଡ଼ିଶାର ପ୍ରଧାନ ସେବକ ଭାବେ ମତେ ସୁଯୋଗ ମିଳିଲା ଆପଣଙ୍କ ସହିତ ଏଠାରେ ସାମିଲ ହେବା ପାଇଁ, କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ମୁଁ ଏହାକୁ ହାତଛଡ଼ା କଲିନାହିଁ।

ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗରମାନଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ହେଉଛି ଆମ କଳାର ଏକ ସ୍ୱତନ୍ତ୍ର ପରିଚୟ। ସମଗ୍ର ଓଡ଼ିଆ ଜାତିକୁ ଏହା କଳାର ଏକତା ସୂତ୍ରରେ ବାନ୍ଧି ରଖିଛି। ଏହା ଓଡ଼ିଆ ଅସ୍ମିତାର ପରିଚୟ ଭାବେ ମଧ୍ୟ ଏକ ଗୌରବମୟ ସ୍ୱାକ୍ଷର ବହନ କରୁଛି । ହସ୍ତକଳା, ହସ୍ତଶିଳ୍ପ, ହସ୍ତତନ୍ତର ପ୍ରସ୍ତୁତ କରିବା ପ୍ରକ୍ରିୟା ଆଜି ମଧ୍ୟ ବେଶୀ କିଛି ବଦଳି ନାହିଁ। ସେଥିପାଇଁ ତ ହାତରେ ପ୍ରସ୍ତୁତ ହସ୍ତକଳା, ହସ୍ତତନ୍ତ ଲୁଗାର ଚାହିଦା ଏବଂ ଆଦର ବହୁତ ଅଧିକ ଏହାର କାରଣ ହେଉଛି ଆମର ହସ୍ତଶିଳ୍ପୀଙ୍କ ହାତରେ ଥିବା ଯାଦୁର ମୂଲ୍ୟ ତେଣୁ, ହସ୍ତଶିଳ୍ପ, ହସ୍ତତନ୍ତ ପ୍ରସ୍ତୁତ ଲୁଗାର ଚାହିଦା ସବୁବେଳେ ଥିଲା, ଏବଂ ସବୁବେଳେ ରହିଥିବ।

ସେ ଆହୁରି ମଧ୍ୟ କହିଥିଲେ ଯେ, ଆମ ଦେଶରେ ଖଦି ଏବଂ ଗ୍ରାମ୍ୟୋଦ୍ୟୋଗ ଆୟୋଗ ବଜାର ଏବଂ ଶିଳ୍ପୀ ଓ ବୁଣାକାରଙ୍କ ମଧ୍ୟରେ ସେତୁ ଭଳିଆ। କାମ କରିଥାଏ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର କିଛି ମାସ ଭିତରେ ସମସ୍ତଙ୍କୁ ଖଦି ପିନ୍ଧିବା ପାଇଁ ବାର୍ତ୍ତା ଦେଇଥିଲେ ଏବଂ ନିଜେ ମଧ୍ୟ ଖଦିକୁ ପରିଧାନ ଭାବେ ବ୍ୟବହାର କରିଥିଲେ ପରବର୍ତ୍ତୀ ସମୟରେ ଖଦି ପିନ୍ଧିବା ଏକ ବିପ୍ଳବରେ ପରିଣତ ହୋଇଥିଲା ଏବଂ ଆମ ଯୁବ ସମାଜ ମଧ୍ୟ ଆଜି ଖଦି ବହୁଳ ଭାବେ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି।

ହସ୍ତତନ୍ତ, ହସ୍ତଶିଳ୍ପର ବଜାର ଅଛି, ଆଦର ଅଛି ଏହି କ୍ଷେତ୍ର ଯଦି କିଛି ଆବଶ୍ୟକ କରେ ତାହା ହେଉଛି ପୃଷ୍ଠପୋଷକତା, ବିଶେଷ ଭାବେ ସରକାରୀ ପ୍ରୋତ୍ସାହନ ମାନନୀୟ ମୋଦୀଜୀ ଏହାକୁ ହୃଦୟଙ୍ଗମ କରି ଏହି କ୍ଷେତ୍ରକୁ ଅଧିକରୁ ଅଧିକ ବଜେଟ ପ୍ରବଧାନ କରିଥିଲେ, ନୂଆ। ନୂଆ। ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ହସ୍ତଶିଳ୍ପ ଓ ହସ୍ତତନ୍ତ ହେଉଛି ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ଅର୍ଥନୀତି ବିକାଶରେ ମା ଓ ଭଉଣୀମାନଙ୍କର ବଡ଼ ଭୂମିକା ରହିଛି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମା ଓ ଭଉଣୀମାନେ ସଂଘବଦ୍ଧ ହୋଇ ଯେଉଁ କାମରେ ହାତ ଦେଇଛନ୍ତି, ସେହି କାମର ଫଳାଫଳ ସ୍ୱରୂପ ଏହିସବୁ କୃତିତ୍ୱ ଆଜି ବିଭିନ୍ନ ଷ୍ଟଲ୍ ରେ ପ୍ରଦର୍ଶିତ ହେଉଛି ।

# ଏଡିଆର ରିପୋର୍ଟ : ଗରିବ ବିଧାୟକ ତାଲିକାରେ ଓଡ଼ିଶାରୁ ଜଣେ

**ନୂଆଦିଲ୍ଲୀ, ୧୯।୩(ମହାଭାରତ):** ନିର୍ବାଚନର ସ୍ୱଚ୍ଛତା ଉପରେ କାମ କରୁଥିବା ସଂଗଠନ ଅରସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ଦେଶର ପ୍ରାୟ ୪,୦୯୨ ବିଧାୟକଙ୍କ ସମ୍ପତ୍ତି ଏବଂ ଅପରାଧିକ ରେକର୍ଡ ବ୍ୟତୀତ ଅନେକ ଦିଗ ଉପରେ ଅଧ୍ୟୟନ କରିଛି। ଏଡିଆର ରିପୋର୍ଟ ଅନୁଯାୟୀ, ଚାରି ହଜାରରୁ ଅଧିକ ବିଧାୟକଙ୍କ ମୋଟ ସମ୍ପତ୍ତି ପ୍ରାୟ ୭୩ ହଜାର କୋଟି ଟଙ୍କା ରହିଛି, ଯାହା ନାଗାଲାଣ୍ଡ, ତ୍ରିପୁରା ଏବଂ ମେଘାଳୟର ମୋଟ ବଜେଟ ଠାରୁ ଅଧିକ।

ଯଦି ଆମେ ରାଜନୈତିକ ଦଳଗୁଡ଼ିକ ଅନୁସାରେ ଏହି ବିଧାୟକମାନଙ୍କ ସମ୍ପତ୍ତି ଦେଖିବା, ତେବେ ଆମେ ଜାଣିବାକୁ ପାଇବୁ ଯେ ଭାରତୀୟ ଜନତା ପାର୍ଟିର ୧,୬୫୩ ବିଧାୟକଙ୍କର ମୋଟ ୨୬ ହଜାର କୋଟି ଟଙ୍କାର ସମ୍ପତ୍ତି ଅଛି। ଯେତେବେଳେ ୬୪୬ ଜଣ କଂଗ୍ରେସ ବିଧାୟକଙ୍କ ସମ୍ପତ୍ତି ପ୍ରାୟ ୧୭ ହଜାର କୋଟି ଟଙ୍କା। ଭାଜପା ଓ କଂଗ୍ରେସ ପରେ, ଟିଡିପିର ୧୩୪ ଜଣ ବିଧାୟକଙ୍କ ମୋଟ ସମ୍ପତ୍ତି ପ୍ରାୟ ୯ ହଜାର କୋଟି ଟଙ୍କା।

ଦେଶର ଟପ୍ ୧୦ ଗରିବ ବିଧାୟକଙ୍କ ବିଷୟରେ, ଯେଉଁମାନଙ୍କ ପାଖରେ ସବୁଠାରୁ କମ ସମ୍ପତ୍ତି ଅଛି କହିରଖୁଛୁ କି, ଦେଶର ପ୍ରାୟ ଚାରି ହଜାର ବିଧାୟକଙ୍କ ହାରାହାରି ସମ୍ପତ୍ତି ୧୮ କୋଟି ଟଙ୍କା। ତେବେ ଦେଶର ସବୁଠାରୁ କମ ସମ୍ପତ୍ତି ଥିବା ବିଧାୟକଙ୍କ ଲିଷ୍ଟରେ ନିର୍ମଳ କୁମାର ଧାରା ମଧ୍ୟ ଅଛନ୍ତି, ଯାହାଙ୍କର ମୋଟ ସମ୍ପତ୍ତି ମାତ୍ର ୧୭୦୦ ଟଙ୍କା। ଏସସି ସମ୍ପ୍ରଦାୟରୁ ଆସିଥିବା ଧାରା ପଶ୍ଚିମବଙ୍ଗର ସିନ୍ଧୁସ ଆସନରୁ ବିଧାୟକ ଅଟନ୍ତି।

ଏହା ପରେ, ଏହି ତାଲିକାରେ ତିନି ଜଣ ବିଧାୟକ ଆମ ଆଦମୀ ପାର୍ଟିର ଅଛନ୍ତି। ପଞ୍ଜାବର ଫାଜିଲକାରୁ ନରିନ୍ଦର ପାଲ ସିଂହ, ସାଙ୍ଗରୁରରୁ ନରିନ୍ଦର କୌର ଏବଂ ଜମ୍ମୁ-କଶ୍ମୀରର ଡୋଡାର ବିଧାୟକ ମେହରାଜ ମଲିକଙ୍କ ସମ୍ପତ୍ତି ୩୦,୦୦୦ ଟଙ୍କାରୁ କମ ଅଟେ। ଏଗୁଡ଼ିକ ବ୍ୟତୀତ ଚିତ୍ରକୁଟର ସପା ବିଧାୟକ ଅନିଲ କୁମାରଙ୍କ ସମ୍ପତ୍ତି ପ୍ରାୟ ୩୦ ହଜାର ଟଙ୍କା ନିର୍ମଳଙ୍କ ବ୍ୟତୀତ ଆଉ ଦୁଇ ଜଣ ଭାଜପା ବିଧାୟକ ଏହି ତାଲିକାରେ ଅଛନ୍ତି।

ସେହିପରି ଓଡ଼ିଶାରୁ ମଧ୍ୟ ଜଣେ ନେତା ଅଛନ୍ତି। ସେ ହେଲେ ବାଙ୍ଗିରିପୋଷିର ଭାଜପା ବିଧାୟକ ସଞ୍ଜଲୀ ମୁର୍ମୁ ତାଙ୍କର ମୋଟ ସମ୍ପତ୍ତି ମାତ୍ର ୩୫,୦୦୦ ଟଙ୍କା। ସେହିପରି, ପଶ୍ଚିମବଙ୍ଗର ସଲଟୋରାର ଭାଜପା ବିଧାୟକ ଏବଂ ଅନୁସୂଚିତ ଜାତି ସମ୍ପ୍ରଦାୟର ଚନ୍ଦନା ବାଉରୀଙ୍କ ମୋଟ ସମ୍ପତ୍ତି ପ୍ରାୟ ୬୨ ହଜାର ଟଙ୍କା ଏହି ତାଲିକାରେ ବିହାରର ରାଷ୍ଟ୍ରୀୟ ଜନତା ଦଳ, ତ୍ରିପୁରାର ଟିପ୍ରା ମୋଥା ଏବଂ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ଜଣେ ଲେଖାଏଁ ବିଧାୟକ ଅଛନ୍ତି ।ପଶ୍ଚିମବଙ୍ଗର ନବଦ୍ୱୀପର ତୃଣମୂଳ କଂଗ୍ରେସ ବିଧାୟକ ପୁଣ୍ଡରୀକାକ୍ଷୟ ସାହାଙ୍କ ସମ୍ପତ୍ତିର ମୂଲ୍ୟ ୩୦ ହଜାର ଟଙ୍କା। ଟିପ୍ରା ମୋଥାର ବିଧାୟକ ନନ୍ଦିତା ଦେବବର୍ମାଙ୍କ ସମ୍ପତ୍ତିର ମୂଲ୍ୟ ୬୩,୦୦୦ ଟଙ୍କା ଥିବା ବେଳେ, ବିହାରର ଆଲୌଲିରୁ ରାଷ୍ଟ୍ରୀୟ ଜନତା ଦଳ ବିଧାୟକ ଭାବରେ ନିର୍ବାଚିତ ରାମବୃକ୍ଷ ସଦାଙ୍କ ମୋଟ ସମ୍ପତ୍ତି ମାତ୍ର ୭୦,୦୦୦ ଟଙ୍କା ଅର୍ଥାତ ସବୁଠାରୁ କମ ସମ୍ପତ୍ତି ଥିବା ୧୦ ଜଣ ବିଧାୟକଙ୍କ ମଧ୍ୟରେ ଆମ ଆଦମୀ ପାର୍ଟି ଏବଂ ଭାଜପାର ତିନି ଜଣ ଲେଖାଏଁ ବିଧାୟକ ଅଛନ୍ତି।

## ପୁରୀ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରକଳ୍ପ ଡିପିଆର ଅଗ୍ରଗତି ସମୀକ୍ଷା

# ଭାରତର ଡିଜିଟାଲ୍ ପାୱାରହାଉସ୍ ଭାବେ ଉଭା ହେବ ଓଡ଼ିଶା

**ଭୁବନେଶ୍ୱର, ୧୯।୩(ମହାଭାରତ):** ଓଡ଼ିଶାକୁ ଏକ ବୈଷୟିକ ଡିଜିଟାଲ ହବ୍ ରେ ପରିଣତ କରିବା ପାଇଁ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପୁରୀ ଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସ୍ଥାପନ କରିବାକୁ ପଦକ୍ଷେପ ନେଉଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟର ଡିଜିଟାଲ ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ଡାଟା ସେଣ୍ଟରରେ ନିବେଶକୁ ତ୍ୱରାନ୍ୱିତ କରିବ ଏବଂ ଉଚ୍ଚସ୍ତରୀୟ ପ୍ରଯୁକ୍ତିବିଦ୍ୟାକୁ ଆକୃଷ୍ଟ କରିବା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।



ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ରେଲଟେଲ ଏବଂ ଡେଲଏଟ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ କରାଯାଉଥିବା ପ୍ରକଳ୍ପର ଡିପିଆର ଅଗ୍ରଗତି ସମୀକ୍ଷା କରିଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖିବା ସହ ଏହାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ହାଇପରସ୍କେଲର୍ସ ଏବଂ ଏଥି ସହିତ ଜଡ଼ିତ ପ୍ରମୁଖ ସଂସ୍ଥାମାନଙ୍କ ସହ ଶିଳ୍ପ ପରାମର୍ଶର ଆବଶ୍ୟକତା ଉପରେ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଉପରେ ଧ୍ୟାନ ଦେଇ ପ୍ରକଳ୍ପ ଅନୁମୋଦନ ପାଇଁ ଡିପିଆର ଶୀଘ୍ର ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ରାଜ୍ୟ ସରକାରଙ୍କ ଏକ ପ୍ରମୁଖପଦକ୍ଷେପ, ଯାହା ଇକୋସିଷ୍ଟମ୍ ବିକାଶ ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ପରିକଳ୍ପନା କରାଯାଇଛି। ବ୍ୟବସାୟ, ପ୍ରଯୁକ୍ତିବିଦ୍ୟା କମ୍ପାନୀ ଏବଂ ଶ୍ରମଶକ୍ତି ପାଇଁ ବିପୁଳ ସୁଯୋଗ ଉନ୍ମୁକ୍ତ କରି ରାଜ୍ୟକୁ ଡିଜିଟାଲ୍ ପୁଞ୍ଜି ନିବେଶ କ୍ଷେତ୍ରରେ ଆକର୍ଷଣୀୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି କେବୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ପୁରୀ ସବୁଠାରୁ ଉତ୍କୃଷ୍ଟ ସ୍ଥାନ ଭାବରେ ଉଭା ହୋଇଛି , ଯାହା ପ୍ରମୁଖ ଭୌଗୋଳିକ ସ୍ଥିତି, ଉପଯୁକ୍ତ ଉପକୂଳ, ଭବିଷ୍ୟତପାଇଁ ସୁଯୋଗ ଏବଂ ଦୃଢ ଭିତ୍ତିଭୂମି ଭଳି ପ୍ରମୁଖ ସୁବିଧା ପ୍ରଦାନ କରୁଛି।

କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସିଧାସଳଖ ଆନ୍ତର୍ଜାତୀୟ ଫାଇବର ସଂଯୋଗ ପ୍ରଦାନ କରିବା ସହ ବିଳମ୍ବ ହ୍ରାସ କରିବ, ଇଣ୍ଟରନେଟ୍ ବେଗରେ ଉନ୍ନତି ଆଣିବ ଏବଂ ହାଇପର୍ସ୍କେଲର୍, ଗ୍ଲୋବାଲ୍ କାପେବିଲିଟି ସେଣ୍ଟର (ଜିସିସି) ଏବଂ ଉଦ୍ୟୋଗ ପାଇଁ ଓଡ଼ିଶାର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଉଭା ହେବ। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ବିଶ୍ୱ ଡିଜିଟାଲ ନେଟୱାର୍କରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବାକୁ ଯାଉଛି, ଯାହା ଡାଟା ପରିଚାଳିତ ଅର୍ଥନୀତିରେ ଭାରତର ସ୍ଥିତିକୁ ମଜବୁତ କରିବ। ଏହା ସହିତ, କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ,ନିଯୁକ୍ତି ସୃଷ୍ଟି, ଗୋଷ୍ଠୀ ବିକାଶ ଏବଂ ସାମାଜିକ ସମାନତା ମାଧ୍ୟମରେ ସଶକ୍ତିକରଣରେ ସହାୟତା କରିବ।

ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଓକାକର ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ରେଲଟେଲର ପ୍ରମୁଖ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଜାକିର ହୁସେନ୍ ସିଦ୍ଦିକି, ଓକାକର ବୈଷୟିକ ପରାମର୍ଶଦାତା (ଟେଲିକମ୍) ଅଭିନ୍ନ କୁମାର ପହି ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ, ରେଲଟେଲ ଏବଂ ଡେଲଏଟ୍ ର ଅଧିକାରୀଗଣ ଏହି ବୈଠକରେ ଉପସ୍ଥିତ ଥିଲେ।

## ପ୍ରସ୍ତୁତ କରନ୍ତୁ ଛୋଲେ କୁଲ୍‌ଚା

**ଆବଶ୍ୟକ ସାମଗ୍ରୀ :** ଚଣା, ମଇଦା, ଦହି, ଲୁଣ, ଲୁହଣୀ, କଟା ସିଝା ଆଳୁ, କଟା ପିଆଜ, କଟା ଟମାଟୋ, ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର, ଚାଟ୍ ମସଲା, ଲେମ୍ବୁ ରସ ଓ ତେନ୍ତୁଳି ପାଣି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଚଣାକୁ ୩ରୁ୪ ଘଣ୍ଟା ପାଇଁ ପାଣିରେ ବତୁରାଇ ଦିଅନ୍ତୁ । ଏହାପରେ ପ୍ରେସର କୁକରରେ ୪ଟି ହ୍ୱିସିଲ ଦେଇ ସିଝାଇ ଦିଅନ୍ତୁ । ଏହାପରେ ମଇଦାରେ ଦହି, ଲୁଣ ଓ ଲହୁଣୀ ପକାଇ ଏହାକୁ ନରମ ଭାବେ ଦଳି ଦିଅନ୍ତୁ । ଏବେ ଅନ୍ୟ ଏକ ପାତ୍ରରେ ସିଝା ଚଣା, କଟା ସିଝା ଆଳୁ, କଟା ପିଆଜ, କଟା ଟମାଟୋ, ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର, ଚାଟ୍ ମସଲା, ଲେମ୍ବୁ ରସ ଓ ତେନ୍ତୁଳି ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ ମିଇଦା ଚକଟାକୁ ବଡ ବଡ ଗୁଳା କରି ବେଲନ୍ତୁ । ଏବେ ଏହାକୁ ଅଳ୍ପ ବଟର ଦେଇ ସେକି ଦିଅନ୍ତୁ । ସେକିଲା ପରେ ଏହାକୁ ମଝିରୁ କାଟି ଏଥିରେ ଚଣା ଓ ଅନ୍ୟାନ୍ୟ ସାମଗ୍ରୀ ପଡି ପ୍ରସ୍ତୁତ ହୋଇଥିବା ମସଲା ଭର୍ତ୍ତି କରନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ଛୋଲେ କୁଲଚ' । ଏହାକୁ ଚଟଣୀ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ ।



### ଖବର

## ଆଇପିଏଲର ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିବ ଶ୍ରେୟା ଘୋଷାଲ ଓ ଦିଶା ପଟାନୀଙ୍କ ଜଲୱା





ଆଇପିଏଲର ୨୦୨୫ ସଂସ୍କରଣ ବିଗୁଲ ବାଜିସାରିଛି । ଏଥିପାଇଁ ଖେଳପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ଏବେ ଖବର ଆସୁଛି ଯେ ଆଇପିଏଲ୍‌ର ଉଦ୍ଘାଟନୀ ଉତ୍ସବରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ହେବାକୁ ଯାଉଛି । ଯେଉଁଥିରେ ଅନେକ ପ୍ରଦର୍ଶନ ରହିବ । ସଦ୍ୟତମ ସୂଚନା ଅନୁଯାୟୀ, ଉଦ୍ଘାଟନୀ ଉତ୍ସବରେ ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଓ ଗାୟିକା ଶ୍ରେୟା ଘୋଷାଲ ନିଜ ନିଜର ଜଲୱା ଦେଖାଇବେ । ଇଣ୍ଡିଆନ୍ ପ୍ରିମିୟର ଲିଗ (ଆଇପିଏଲ)ର ଅଫିସିଆଲ୍ ଏକ୍ସ ପୃଷ୍ଠାରେ ଏ ନେଇ ସୂଚନା ପ୍ରଦାନ କରାଯାଇଛି । ଏହା ବ୍ୟତୀତ ଆହୁରି ବି ଜଣାପଡ଼ିଛି ଯେ ଗାୟକ କରଣ ଆଉଜଲା ମଧ୍ୟ ଏହି ମହାନ ସମାରୋହରେ ପ୍ରଦର୍ଶନ କରିବେ । ବହୁ ପ୍ରତୀକ୍ଷିତ ଆଇପିଏଲ୍ ଚଳିତବର୍ଷ ମାର୍ଚ ୨୨ ତାରିଖରେ ହେବାକୁ ଯାଉଛି । ଗତ ବର୍ଷର ବିଜେତା କୋଲକାତା ନାଇଟ୍ ରାଇଡର୍ସର ଘରୋଇ ପଡ଼ିଆ ଇଡେନ୍ ଗାର୍ଡେନ୍ସରେ ଉଦ୍ଘାଟନୀ ଓ ଉଦ୍ଯାପନୀ ମ୍ୟାଚ୍ ଖେଳାଯିବ । ମାର୍ଚ୍ଚ ୨୨ରେ ଉଦ୍ଘାଟନୀ ମ୍ୟାଚ୍ କେକେଆର୍ ଓ ଆର୍ସିବି ମଧ୍ୟରେ ଆୟୋଜିତ ହେବ । ମେ' ୨୫ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବୟ ଏଥି ସହିତ କ୍ୱାଲିଫାୟାର୍-୨ ମଧ ମେ' ୨୩ ତାରିଖରେ ଇଡେନ୍ ଗାର୍ଡେନ୍ସରେ ଖେଳାଯିବ । କୋଲକାତାରେ ଦଶନ୍ଧି ପରେ ପ୍ରଥମ ଥର ଏକ ଫାଇନାଲ୍ ଖେଳାଯିବ । ଶେଷ ଥର ପାଇଁ ୨୦୧୩ ଓ ୨୦୧୫ରେ ଫାଇନାଲ୍ ଖେଳାଯାଇଥିଲା । ୨୦୨୪ରେ ଉପ ବିଜେତା ହୋଇଥିବା ସନ୍ରାଇଜର୍ସ ହାଇଦ୍ରାବାଦର ଘରୋଇ ପଡ଼ିଆ ହାଇଦ୍ରାବାଦରେ କ୍ୱାଲିଫାୟାର୍-୧ ମେ' ୨୦ ତାରିଖରେ ଏବଂ ଏଲିମିନେଟର୍ ମେ' ୨୧ରେ ଖେଳାଯିବ । ଆଇପିଏଲ୍-୨୦୨୫ରେ ମୋଟ ୬୫ ଦିନ ଭିତରେ ୭୪ ମ୍ୟାଚ୍ ଖେଳାଯିବ । ଏହା ମଧ୍ୟରେ ୧୨ ଦିନ ଡବଲ୍ ହେଡର୍ ରହିଛି । ଦ୍ୱିତୀୟ ଦିବସରେ (ମାର୍ଚ୍ଚ ୨୩) ହିଁ ପ୍ରଥମ ଡବଲ୍ ହେଡର୍ ରହିଛି । ସନ୍ରାଇଜର୍ସ ହଇଦ୍ରାବାଦ ସହ ରାଜସ୍ଥାନ ରୟାଲ୍ସ ଏବଂ ଚେନ୍ନାଇ ସୁପର୍ କିଙ୍ଗ୍ସ ସହ ମୁମ୍ବାଇ ଇଣ୍ଡିଆନ୍ସ ଖେଳିବେୟ ମୋଟ ୧୩ଟି ଭେନ୍ୟୁରେ ଏହା ଖେଳାଯିବ । ଗୁଆହାଟୀ ରାଜସ୍ଥାନ ରୟାଲ୍ସର ଦ୍ୱିତୀୟ ଘରୋଇ ପଡ଼ିଆ, ବିଶାଖାପାଟଣା ଦିଲ୍ଲୀ କ୍ୟାପିଟାଲ୍ସର ଦ୍ୱିତୀୟ ଘରୋଇ ପଡ଼ିଆ ଏବଂ ଧର୍ମଶାଳା ପଞ୍ଜାବ କିଙ୍ଗ୍ସର ଦ୍ୱିତୀୟ ଘରୋଇ ପଡ଼ିଆ ରହିଛି । ଗୁହାହାଟୀ ଓ ବିଶାଖାପାଟଣାରେ ୨ ଲେଖାଏଁ ଏବଂ ଧର୍ମଶାଳାରେ ୩ଟି ମ୍ୟାଚ୍ ଖେଳାଯିବ ।

## ଆଲମଣ୍ଡ ଖାଇଲେ ହୃତପିଣ୍ଡର ସୁରକ୍ଷା ହୁଏ



ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ । ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନନ୍ଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ । ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ । ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ନ୍ତସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି । ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନନ୍ଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ । ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ ।

## ଟ୍ରାଡିଶନାଲ ଶାଢ଼ିକୁ ଦିଅନ୍ତୁ ମଡର୍ନ ଟ୍ୱିଷ୍ଟ



ଟ୍ରାଡ଼ିଶନାଲ ଶାଢ଼ିକୁ ମଡର୍ନ ଟ୍ୱିଷ୍ଟ ଦୋବକୁ ଚାହୁଁଥିଲେ ଶାଢି ଲୁକ ଫରଫେକ୍ଟ ଅପ୍ସନ । ଶାଢ଼ିକୁ କ୍ୟାରି କରିବାର ଏହି ଟ୍ରେଣ୍ଡ ଏବେ ଜୋର ଧରିଛି । ବିବାହ ହେଉ କି ପାର୍ଟି ଏହି ଲୁକ ଷ୍ଟାଇଲିଶ ସହ କମ୍ଫର୍ଟେବଲ ବି ଲାଗେ ।

ସିଲ୍କ ଶାଢି ସହ ପ୍ୟାଣ୍ଟ: ବିବାହ ଓ ପାର୍ଟି ପାଇଁ ସୁନ୍ଦର ସଲିଡ଼ ବର୍ଡ଼ର ଥିବା ସିଲ୍କ ଶାଢିରେ ଏମ୍ବ୍ରୋଏଡ଼ରି ବ୍ଲାଉଜ ଭଲ ଲାଗିଥାଏ । ତେବେ ଏଥିରେ ମଡ଼ର୍ନ ଟଚ ଦେବାକୁ ଚାହିଁଥିଲେ ଏହି ଶାଢି ସହ ଷ୍ଟ୍ରେଟ ପ୍ୟାଣ୍ଟ ଟ୍ରାଏ କରିପାରିବେ । ଯେମିତିକି ମାଜେଣ୍ଟା କଲରର ସିଲ୍କ ଶାଢି ସହ ରୟାଲ ବ୍ଲୁ କଲରର ଜରି ୱାର୍କ ହୋଇଥିବା ବ୍ଲାଉଜ ଓ ରୟାଲ ବ୍ଲୁ କଲରର ପ୍ୟାଣ୍ଟକୁ ପେୟାର କଲେ ଗ୍ଲାମର୍ସ ଲୁକ ପାଇପାରିବେ । ଆଉ ଆପଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ପାଲିଟିଯିବେ । ଏହା ସହିତ ମ୍ୟାଚିଂ ଜୁଏଲାରି ଟ୍ରାଏ କରନ୍ତୁ । ହାଇ ହିଲ୍ସ ବି ପେୟାର କରିପାରିବେ ।

ଧୋତି ପ୍ୟାଣ୍ଟ ସହ ଶାଢି - : ଏହି ଲୁକ ଯେତିକି ଷ୍ଟାଇଲିଶ ସେତିକି କମ୍ଫର୍ଟେବଲ ବି । ଧୋତି ପ୍ୟାଣ୍ଟର କଲର ସହ ମ୍ୟାଚ କରି ପ୍ଲେନ ଶାଢି ଓ ଗରଜିୟସ ଲଟକନ୍ ଲାଗିଥିବା ମେଟାଲିକ ସେକ୍ୱିନ୍ସ ବ୍ଲାଉଜ ପିନ୍ଧନ୍ତୁ , ଏକ ଷ୍ଟାଇଲିଶ ଲୁକ ମିଳିବ ।

ଚୁଡ଼ିଦାର ସହ ବନାରସୀ ଶାଢି: ଲାଇଟ କଲରର ବନାରସୀ ଶାଢି ସହ ଗୋଲ୍ଡେନ କଲର ଚୁଡ଼ିଦାର ପ୍ୟାଣ୍ଟ ଭଲ ଲାଗିଥାଏ । ଅଣ୍ଟା ପାଖରେ ସରୁ ବେଲ୍ଟ ବାନ୍ଧିପାରିବେ । ଏହି ଲୁକ ବେଶ ଗ୍ଲାମର୍ସ ଲାଗେ । ଗୋଲ୍ଡେନ କଲରର ହାଇ ହିଲ୍ସ ଏହି ଲୁକକୁ ଆହୁରି ଆକର୍ଷିକ କରାଏ ।

ଜିନ୍ସ ସହ ଶାଢି: ଉତ୍ସବ ସମୟରେ ଫେଷ୍ଟିଭ ଲୁକ ସହ ଗର୍ଲିସ ଲୁକ ବାର୍ଜ ରଖିବାକୁ ଚାହୁଁଥିଲେ ଜର୍ଜେଟ ଶାଢି ସହ ଜିନ ପ୍ୟାଣ୍ଟ ଟ୍ରାଏ କରିପାରିବେ । ତା' ସହ ଅଣ୍ଟାରେ ବଡ଼ ବକଲ ଥିବା ଖାକି ବେଲ୍ଟ ଓ ଲମ୍ବା ହାତ ଥିବା ବୋଟ ନେକ ବ୍ଲାଉଜ ପିନ୍ଧିପାରିବେ । ଫିଙ୍କି ବ୍ରେସଲେଟ ଓ ଫ୍ଲାଟ ଫୁଟୱାର ଏଥିରେ ଭଲ ମାନିଥାଏ ।

ଷ୍ଟ୍ରେଟ ପ୍ୟାଣ୍ଟ ସହ ଶାଢି : ଷ୍ଟ୍ରେଟ ପ୍ୟାଣ୍ଟ ସହ ଶାଢି ପିନ୍ଧିଲେ ବେଶ ଷ୍ଟାଇଲିଶ ଲାଗେ । ଏହାସହ କ୍ରପଡ଼ ବ୍ଲାଉଜ କିମ୍ବା ଲମ୍ବା ଶାର୍ଟ ଷ୍ଟାଇଲର ବ୍ଲାଉଜ ପିନ୍ଧିପାରିବେ । ହାଇହିଲ୍ସ ଏହି ଲୁକକୁ ଗ୍ଲାମର୍ସ କରାଏ । ତା' ସହ ମ୍ୟାଚିଂ ହେଭି ଜୁଏଲାରି ଭଲ ଲାଗିଥାଏ ।

ଶାଢି ପ୍ୟାଣ୍ଟ ସହ ବେଲ୍ଟ: ବୋଲ୍ଡ କଲରର ପ୍ଲେନ ଶାଢି ଓ ମ୍ୟାଚିଂ କଲାଭଳି ପ୍ୟାଣ୍ଟ ସହ ବଡ଼ ବୋଲ୍ଡ ସିଲ୍କ ବେଲ୍ଟ କିମ୍ବା ଏକ ଲିନ ମେଟାଲିକ ବେଲ୍ଟ ବ୍ୟବହାର କରନ୍ତୁ । ବେଲ୍ଟକୁ ସାମନା ଭାଗରେ ବାନ୍ଧନ୍ତୁ । ବେଲ୍ଟ କଲର ସହ ମ୍ୟାଚିଂ ଜୁଏଲାରି ବ୍ୟବହାର କରନ୍ତୁ । ଶାଢି ଓ ପ୍ୟାଣ୍ଟ ପ୍ଲେନ ପିନ୍ଧିଲେ ହିଁ ବେଲ୍ଟ ଲୁକ ପ୍ରୋମିନେଣ୍ଟ ଲାଗିଥାଏ ।

## ଅଧକପାଳି ବା ମାଇଗ୍ରେନ୍ ପାଇଁ ଘରୋଇ ଉପଚାର



ଅଧକପାଳି ମୁଣ୍ଡବିନ୍ଧା ବା ମାଇଗ୍ରେନ ଯାହାର ହୋଇଥାଏ ସେ ହିଁ କେବଳ ତାର କଷ୍ଟ ଅନୁଭବ କରିପାରେ । ଏବେ ଅଧିକାଂଶ ଲୋକ ଏହି ରୋଗରେ ପୀଡିତ । ଯେତେବେଳେ ଏଭଳି ମୁଣ୍ଡବିନ୍ଧା ହୋଇଥାଏ ସେତେବେଳେ କଣ କରିବେ କଣ ନାହିଁ କିଛି ବୁଝାପଡିନଥାଏ । ସ୍ମାର୍ଟଫୋନ୍, ଟିଭି, କମ୍ପ୍ୟୁଟର ଏବଂ ଡେସ୍କରେ ଅଧିକାଂଶ ସମୟ ବସି କାମ କରୁଥିବା ଲୋକମାନଙ୍କ ଠାରେ ଏଭଳି ସମସ୍ୟା ବେଶୀ ଦେଖାଦେଇଥାଏ । ଅଧକପାଳି ମୁଣ୍ଡବିନ୍ଧା ସହଜରେ କମିନଥାଏ । ଫଳରେ ଆମେ ପେନ୍ କିଲର ଔଷଧ ସେବନ କରିବାକୁ ପ୍ରାଥମିକତା ଦେଇଥାଉ । ଔଷଧ ସେବନ ଦ୍ୱାରା କିଛି ସମୟ ପର୍ଯ୍ୟନ୍ତ ତ ମୁଣ୍ଡବିନ୍ଧାରୁ ରକ୍ଷା ମିଳିଥାଏ ମାତ୍ର ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥାଏ । ଏଠାରେ ଆମେ ଏଭଳି ଏକ ଉପାୟ କହୁଛୁ ଯାହା ଫଳରେ ମାଇଗ୍ରେନ ଜନିତ ମୁଣ୍ଡବିନ୍ଧା କଷ୍ଟରୁ ଆପଣ ସବୁବେଳ ପାଇଁ ରକ୍ଷା ପାଇପାରିବେ । ବାଦାମ, ଗୋଲମରିଚ, କ୍ଷୀର ଆପଣଙ୍କର ଏଭଳି ମୁଣ୍ଡବିନ୍ଧା ସମସ୍ୟାର ସମାଧାନ କରିପାରିବ । ୭ରୁ ୮ଟି ବାଦାମକୁ ରାତିରେ ଭିଜାଇ ଦିଅନ୍ତୁ । ସକାଳୁ ତାର ଚୋପା ଛଡାଇ ବାଦାମକୁ ଭଲଭାବେ ପେଶୀ ଦିଅନ୍ତୁ । ଜରୁରୀ ନୁହେଁ ଯେ ଆପଣ ୭ରୁ ୮ଟି ବାଦାମ ହିଁ ନେବେ । କମ୍ ବାଦାମ ମଧ୍ୟ ଆପଣ ନେଇପାରିବେ । ଯଦି ଆପଣଙ୍କ ଆଖିକୁ ଭଲଭାବେ ଦେଖାଯାଉନାହିଁ ତେବେ ସେଥିରେ ଗୋଲମରିଚ ମଧ୍ୟ ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ୨୫୦ଗ୍ରାମ କ୍ଷୀରରେ ମିଶାଇ ଦିଅନ୍ତୁ । ଏହାକୁ ଚୂଲାରେ ବସାଇ ଫୁଟାନ୍ତୁ । ୪ରୁ ୫ଥର ଫୁଟିବା ପରେ ଏଥିରେ ଏକ ଚାମଚ ଦେଶୀ ଘିଅ ଏବଂ ଦୁଇ ଚାମଚ ଚିନି ମିଶାଇ ଦିଅନ୍ତୁ । ଥଣ୍ଡା କରି ଏହି ମିଶ୍ରଣକୁ ପିଅନ୍ତୁ । ଏହାକୁ ପିଇବା ଦ୍ୱାରା ଆପଣଙ୍କର ମୁଣ୍ଡବିନ୍ଧା କମିଯିବ । ଏହା ଦ୍ୱାରା ଆପଣଙ୍କ ସ୍ମରଣ ଶକ୍ତି ମଧ୍ୟ ବଢିବ । ଏହାକୁ ଲଗାତର ପିଇବାକୁ ପଡିବ । ଖାଲି ପେଟରେ ଏହି କ୍ଷୀରକୁ ପିଇବା ପରେ ୨ଘଣ୍ଟା ପର୍ଯ୍ୟନ୍ତ କିଛି ଖାଆପିଆ କରନ୍ତୁ ନାହିଁ । ଏହାକୁ ପିଇବା ଦ୍ୱାରା ତିନି ଚାରି ଦିନରେ ମୁଣ୍ଡବିନ୍ଧା ସଂପୂର୍ଣ୍ଣ ଭଲ ହୋଇଯିବ । ବାଦାମକୁ ଭଲଭାବେ ପେଶୀ ଖାଇବା ଜରୁରୀ ଅଟେ । ଏହା ଦ୍ୱାରା ବାଦାମ ପୁରା ହଜମ ହୋଇଯିବା ସହ ସଂମ୍ପୂର୍ଣ୍ଣ ଲାଭ ମିଳିଥାଏ । ଏହା ସ୍ମରଣ ଶକ୍ତି ବଢାଇବା ସହ ଆଖିର ଅନେକ ରୋଗ- କମ୍ ଦେଖାଯିବା, ଆଖି ଥକିଯିବା, ଆଖିରୁ ପାଣି ବାହାରିବା ଆଦି ସମସ୍ୟା ଦୂର ହୋଇଯିବ । ବାଦାମରେ ଆଣ୍ଟିଅକ୍ସିଡେଣ୍ଟ ଭରି ରହିଛି । ଯାହା ଅବସାଦ ଦୂର କରିଥାଏ । ମସ୍ତିସ୍କକୁ ଶିଥିଳ ରଖିଥାଏ । ଡିପ୍ରେସନ୍ ମଧ୍ୟ ଦୂର ହୋଇଥାଏ । ଡାଇବେଟିସ୍ ରୋଗୀମାନଙ୍କ ପାଇଁ ବାଦାମ ବହୁତ ଉପଯୋଗୀ ହୋଇଥାଏ । ଶରୀରରେ ଇନସୁଲିନ ମାତ୍ରାକୁ ନିୟନ୍ତ୍ରିତ କରି ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖିଥାଏ । ବାଦାମରେ ପ୍ରୋଟିନ, ଫାଇବର ଏବଂ ମ୍ୟାଗ୍ନେସିୟମ ଭରପୁର ରହିଥାଏ । ଶରୀରରେ ଆଲଫା-୧ ଏଚଡିଏଲ ଲେଭଲକୁ ବାଦାମ ବଢାଇଥାଏ । କୋଲୋଷ୍ଟୋରଲକୁ ନିୟନ୍ତ୍ରିତ କରି ହୃଦ୍ ରୋଗରୁ ରକ୍ଷା କରିଥାଏ । ବାଦାମରେ ଭିଟାମିନ୍-ଇ ଥାଏ । ଏହା ତ୍ୱଚାକୁ ପୋଷଣ ଦେଇଥାଏ ଫଳରେ ତ୍ୱଚାକୁ ଶୁଖିଲା ହେବାରୁ ରକ୍ଷା କରିଥାଏ । ଏଥିରେ ଅଧିକ ମାତ୍ରାରେ ଫାଇଭର ରହିଥାଏ । ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ୪-୫ଟି ବାଦାମ ଖାଇବା ପରେ ଗୋଟିଏ ଗ୍ଲାସ୍ ପାଣି ପିଅନ୍ତୁ । ଏହା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ । ପେଟରେ ହେଉଥିବା କ୍ୟାନସରର ମଧ୍ୟ ଭୟ କମ୍ ରହିଥାଏ ।

## ପ୍ରତିଦିନ ଗୋଟିଏ କଦଳୀ ଖାଆନ୍ତୁ : ବୁଦ୍ଧି ବଢ଼ାନ୍ତୁ, ଓଜନ କମାନ୍ତୁ

ପୋଟାସିୟମର ଉତ୍କୃଷ୍ଟ ଉପାଦାନ ରହିଥିବା କଦଳୀ ସ୍ୱାସ୍ଥ୍ୟକର ହେବା ସହ ଆମ ଶରୀର ପକ୍ଷେ ମଧ୍ୟ ହିତକର କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ । କଦଳୀକୁ ସବୁଠୁ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ଭାବେ ଗଣାଯାଇଥାଏ । ଯଦି ଆପଣ ନିଜ ଓଜନ କମାଇବାକୁ ଚାହୁଁଛନ୍ତି ତେବେ ଆପଣଙ୍କୁ କଦଳୀ ଖାଇବା ଉଚିତ୍ । ଗୋଟିଏ କଦଳୀରେ ୩ଗ୍ରାମ୍ ଫାଇବର ଏବଂ ୧୦୦କ୍ୟାଲୋରୀ ରହିଥାଏ ଏଥିପାଇଁ କଦଳୀକୁ ସବୁଠୁ ଉତ୍କୃଷ୍ଟ ହାଲୁକା ଭୋଜନ ଭାବେ ଗ୍ରହଣ କରିବା ଉଚିତ୍ । କଦଳୀ ଖାଇବା ଦ୍ୱାରା ଆପଣଙ୍କ ପେଟ ମଧ୍ୟ ଭର୍ତ୍ତି ହେବା ଭଳି ଲାଗିଥାଏ ଏବଂ ଏହା ଭୋକକୁ ନିୟନ୍ତ୍ରଣ କରିଥାଏ । ଆପଣମାନେ ଜାଣିଥିବେ କଦଳୀରେ ପୋଟାସିୟମ୍ ଏବଂ ମାଗ୍ନେସିୟମ୍ ପ୍ରଚୁର ମାତ୍ରାରେ ରହିଛି । କଦଳୀରୁ ଶକ୍ତି ଧୀରେ ଧୀରେ ବାହାରିଥାଏ ଯାହା ଦ୍ୱାରା ଆମ ମସ୍ତିଷ୍କ ସଚେତନ ହୋଇଥାଏ । କଦଳୀ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । କଦଳୀରେ ଟ୍ରିଫୋନ୍ ରହିଛି ଯାହା ଆଗକୁ ଯାଇ ସେରେଟୋନିନରେ ପରିଣତ ହୋଇଥାଏ ଏବଂ ମସ୍ତିଷ୍କରେ ସେରେଟୋନିନର ଅଭାବ ଯୋଗୁଁ ଅବସାଦ ଏବଂ ଉଦବେଗ ଏବଂ ବିତୃଷ୍ଣା ଭାବ ସୃଷ୍ଟି ହୋଇଥାଏ । ଏଥିପାଇଁ ଉତ୍ତମ ମାନସିକ ସ୍ୱାସ୍ଥ୍ୟ ପାଇଁ ଏବଂ ଅବସାଦରୁ ମୁକ୍ତି ପାଇବା ପାଇଁ କଦଳୀ ଖାଇବା ଉଚିତ୍ । କଦଳୀ ଶରୀରରେ କ୍ୟାଲସିୟମକୁ ଶୋଷିତ କରିବାରେ ସାହାଯ୍ୟ କରିଥାଏ । କ୍ୟାଲସିୟମ୍ ଶରୀରରେ ପହଞ୍ଚିଲେ ହାଡ଼ ମଜବୁତ କରିଥାଏ । ଶରୀରରେ ଜରୁରୀ ପୋଷକ ତତ୍ୱ ଏବଂ ଫାଇବରର ସ୍ଥାନ ପୂରଣ କରିବା ପାଇଁ ଦିନକୁ ଗୋଟିଏ କଦଳୀ ନିୟମିତ ଖାଇବା ଉଚିତ୍ । ଆପଣ ବ୍ୟାୟାମ କରିବା ପୂର୍ବରୁ କିମ୍ବା ବ୍ୟାୟାମ କରିବା ପରେ କଦଳୀ ଖାଇପାରିବେ ।



ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଉପଯୁକ୍ତ ଚିକିତ୍ସା ନପାଇ ଅକାଳରେ ମରୁଛନ୍ତି କିଡ୍ନୀ ରୋଗୀ

**ଭୁବନେଶ୍ୱର,୧୯।୩ (ମହାଭାରତ):** ବିଶ୍ୱ କିଡ୍ନୀ ଦିବସ। ସାରା ବିଶ୍ୱ, ଭାରତ ସରକାର ଓ ରାଜ୍ୟ ସରକାର ମଧ୍ୟ କିଡ୍ନୀ ଦିବସ ପାଳନ କରୁଛନ୍ତି। ଯେଉଁ ରାଜ୍ୟରେ କିଡ୍ନୀ ରୋଗୀମାନେ ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳରେ ମରୁଛନ୍ତି, ଯେଉଁ ରାଜ୍ୟରେ କିଡ୍ନୀ ରୋଗୀଙ୍କୁ ଶୋଷଣ କରାଯାଉଛି ଓ କିଡ୍ନୀ ର୍ୟାକେଟର ଅଭିଯୋଗ ହେଉଛି, ସେହି ରାଜ୍ୟରେ କିଡ୍ନୀ ଦିବସ ସମ୍ପୂର୍ଣ୍ଣ ମୂଲ୍ୟହୀନ। କଟକ ଏସ୍‌ସିବି ମେଡ଼ିକାଲରେ କେତେ କିଡ୍ନୀ ରୋଗୀ ଦାଖଲା ହୋଇଛନ୍ତି, କେତେ କିଡ୍ନୀ ପ୍ରତିରୋପଣ ହୋଇଛି, କେତେ କିଡ୍ନୀ ରୋଗୀ ବର୍ତ୍ତମାନ ସୁସ୍ଥ ଅଛନ୍ତି ଓ କେତେ ଅକାଳରେ ମରିଛନ୍ତି ଏବଂ କାହିଁକି ମରିଛନ୍ତି, ତାହାର ରହସ୍ୟ ଉନ୍ମୋଚନ ହେବାର ଆବଶ୍ୟକତା ରହିଛି। ଯଦି ଜଣେ କିଡ୍ନୀ ଦେଲା, ସେ କେମିତି ମଲା, ଯଦି କିଡ୍ନୀ ପ୍ରତିରୋପଣ ହେଲା, ସିଏ କାହିଁକି ମଲା। ବାସ୍ତବରେ କିଡ୍ନୀ ପ୍ରତିରୋପଣ ହୋଇଛି କି ନାହିଁ, ଯଦି ହୋଇଥିଲା ତାହା ସଠିକ ଭାବରେ ହୋଇଥଲା କି ନାହିଁ। ଯେଉଁ ଡାକ୍ତର କିଡ୍ନୀ ପ୍ରତିରୋପଣ କରିଥିଲେ, ତାଙ୍କ ମସ୍ତିଷ୍କ ଠିକ୍ ଅଛି କି ନାହିଁ, ତାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି। ଦେଶର ସମ୍ବିଧାନରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ତ୍ରୁଟି, ଅବହେଳାକୁ ଧର୍ତବ୍ୟ ଅପରାଧ ଭାବରେ ବିବେଚନା କରାଯିବାର ବ୍ୟବସ୍ଥା ରହିଛି। ଅତି କମ୍‌ରେ ୭ ବର୍ଷ ଜେଲ୍ ଦଣ୍ଡର ମଧ୍ୟ ବ୍ୟବସ୍ଥା ରହିଛି। ଯଦି ଏସ୍‌ସିବିରେ କିଡ୍ନୀ ପ୍ରତିରୋପଣ କରିଥିବା ଓ କିଡ୍ନୀ ଦେଇଥିବା ୧୨୫ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି, ତେବେ ସମ୍ପୃକ୍ତ ପଦାଧିକାରୀ ଓ ଏସ୍‌ସିବି ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ସାମ୍ବିଧାନିକ ବ୍ୟବସ୍ଥା ଉଲଙ୍ଘନ ଓ ହତ୍ୟା ଅଭିଯୋଗ ବଳରେ ସେମାନଙ୍କୁ କାହିଁକି ତୁରନ୍ତ ଗିରଫ କରାଯିବ ନାହିଁ ବୋଲି କ୍ରାନ୍ତି ଓଡ଼ିଶା ରାଜ୍ୟ ସରକାର ଓ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ପ୍ରଶ୍ନ କରିଛି। କଟକ ଏସ୍‌ସିବି ରାଜ୍ୟରେ ଏକମାତ୍ର କିଡ୍ନୀ ପ୍ରତିରୋପଣକାରୀ ଚିକିତ୍ସାଳୟ। ଜିଲ୍ଲାର ସଦର ମହକୁମାର ଚିକିତ୍ସାଳୟ ଅଧିକାରୀମାନେ କିଡ୍ନୀ ପ୍ରତିରୋପଣ ନେଇ ଏସ୍‌ସିବିକୁ ପଠାଇଥାନ୍ତି। ଏସ୍‌ସିବିରେ ଜଣେ ଅଭିଜ୍ଞ ପ୍ରଫେସର, ଜଣେ ସହାୟକ ପ୍ରଫେସର ଓ ସହଯୋଗୀ ପ୍ରଫେସରଙ୍କ ଜରିଆରେ କିଡ୍ନୀ ପ୍ରତିରୋପଣ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ପରିଷଦ ପକ୍ଷରୁ କଡ଼ା ଆଇନ ଥିବାବେଳେ କେଉଁ ପରିସ୍ଥିତିରେ ସରକାର ଅଭିଜ୍ଞ ପ୍ରଫେସର ମାନଙ୍କୁ ଜିଲ୍ଲା ସଦର ମହକୁମାରେ ରଖି ଜଣେ ଅନଭିଜ୍ଞ ସହାୟକ ପ୍ରଫେସର ଓ ପିଜି ଛାତ୍ରମାନଙ୍କ ଜରିଆରେ କିଡ୍ନୀ ପ୍ରତିରୋପଣ କରୁଥିଲେ। ଏ ନେଇ ରାଜ୍ୟ ସରକାର କେଉଁ ପରିସ୍ଥିତିରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଯେଉଁ ପଦାଧିକାରୀ ଏଭଳି ନିର୍ଦ୍ଦେଶନାମା ଜାରି କରିଥିଲେ ତାଙ୍କ ମସ୍ତିଷ୍କ ଠିକ୍ ଥିଲା କି ନାହିଁ ତାହା ମଧ୍ୟ ତଦନ୍ତ ସାପେକ୍ଷ। ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ ଅନୁଯାୟୀ ଜଣେ ଉଚ୍ଚପଦସ୍ଥ ଅଫିସରଙ୍କ ଅଧୀନରେ ଜଣେ ନିମ୍ନ ପଦସ୍ଥ ଅଫିସର କାର୍ଯ୍ୟ କରିଥାଏ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପରିଷଦ ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଅବମାନନା କରି ଛାତ୍ରଛାତ୍ରୀଙ୍କୁ ପିଜି କରିବାରୁ ବଂଚିତ କରିବା, ଦକ୍ଷ ଡାକ୍ତର ସୃଷ୍ଟି କରିବାରେ ପ୍ରତିବନ୍ଧକ ସାଜିବା କେନ୍ଦ୍ରୀୟ ନିର୍ଦ୍ଦେଶର ଅବମାନନା ଓ ସାମ୍ବିଧାନିକ ମୌଳିକ ଅଧିକାର ଉଲଙ୍ଘନମୂଳକ କାର୍ଯ୍ୟ। ଏସ୍‌ସିବି ପ୍ରଶାସନ ବିରୁଦ୍ଧରେ କିଡ୍ନୀ ରୋଗୀମାନଙ୍କ ତରଫରୁ ଅଭିଯୋଗ ହୋଇଥିବା ଆର୍ଥିକ ଦୁର୍ନୀତି ନେଇ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ କରିବା ସହ ସମ୍ପୃକ୍ତ ପ୍ରଶାସିନକ ଅଧିକାରୀମାନଙ୍କର ଆୟ ବହିର୍ଭୁତ ସମ୍ପତି ନେଇ ତୁରନ୍ତ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରିବା ପାଇଁ କ୍ରାନ୍ତି ଓଡ଼ିଶା ସରକାରଙ୍କ ଦୃଢ ଦାବି କରିଛି। ଯଦି ସରକାର କ୍ରାନ୍ତି ଓଡ଼ିଶାର ଦାବିକୁ ଗ୍ରହଣ କରି ପଦକ୍ଷେପ ନ ନିଅନ୍ତି, ତେବେ ଶହ ଶହ କ୍ରାନ୍ତିକାରୀ କଟକ ଏସ୍‌ସିବି ମେଡ଼ିକାଲ ସମ୍ମୁଖରେ ବିକ୍ଷୋଭ କରିବା ସହିତ ସମଗ୍ର କଟକ ସହର ଓ ରାଜ୍ୟର ଜିଲ୍ଲା ସଦର ମହକୁମାରେ ପଦଯାତ୍ରା ଓ ପଥପ୍ରାନ୍ତ ସଭାମାନ କରି ଜନମାନସକୁ ଜାଗ୍ରତ ପୂର୍ବକ ଏକ ବିରାଟ ମହା ଆନ୍ଦୋଳନ କରିବାକୁ ବାଧ୍ୟ ହେବ। ସେହିପରି ରାଜ୍ୟ ସରକାର ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଓ ସମସ୍ତଙ୍କୁ ନିଶ୍ଚିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ କିଡ୍ନୀ ଓ ଆଖି ସଂରକ୍ଷଣ ନିମନ୍ତେ ରସାୟନିକ ସଂରକ୍ଷଣ ଗୃହ କରିବା ସହ ମୃତ୍ୟୁ ପୂର୍ବରୁ କିଡ୍ନୀ ଓ ଆଖିକୁ ଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ପାଇଁ କ୍ରାନ୍ତି ଓଡ଼ିଶାର ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ୨୫ତମ ଫଗୁଣ ଯୁବ ମହୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୧୯।୩ (ମହାଭାରତ):** ସ୍ଥାନୀୟ ଜୟଦେବ ବିହାର ବିଜୁପଟ୍ଟନାୟକ କଲେଜ ଛକ ଠାରେ ଗତ ମାର୍ଚ୍ଚ ୧୪ ଓ ୧୫ ତାରିଖ ବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଦିବସରେ ପ୍ରତିବର୍ଷ ଭଳି ମହୋତ୍ସବ କମିଟିର ସଭାପତି ତଥା ଉତର ଭୁବନେଶ୍ୱର କଂଗ୍ରେସ ନେତା ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ରୌପଜୟନ୍ତୀ ପାଳନ କରାଯାଇଅଛି। ଉଦ୍‌ଘାଟନ ଦିବସରେ ମୁଖ୍ୟ ଅତିଥି ଭାବରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ମନୋରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ର କଂଗ୍ରେସ ନେତା ବିଶ୍ୱଭୁଷଣ ମହାପାତ୍ର, ଭୁବନେଶ୍ୱର ଓବିସି ସେଲର ମୁଖ୍ୟ ପ୍ରସନ୍ନ ନାୟକ, ଭୁବନେଶ୍ୱର ବ୍ଲକ କଂଗ୍ରେସ ସଭାପତି ବ୍ରହ୍ମାନନ୍ଦ ସାହୁ, ଯୁବ ନେତା ସଂକୁନା କହଁର ଯୋଗଦେଇଥିଲେ। ପ୍ରଥମ ଦିବସରେ ରାଜ୍ୟସ୍ତରୀୟ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିବସ ତଥା ଉଦ୍‌ଯାନ ଦିବସରେ ବିଶିଷ୍ଟ ତିଭାମାନ ବ୍ୟକ୍ତି ଉପସ୍ଥାପକ ଓ ଅଭିନେତା ସମୀର ରଞ୍ଜନ ମହାପାତ୍ର, ଦୂରଦର୍ଶନ ଧାରାବାହିକ ଚଳଚିତ୍ର ନିର୍ଦ୍ଦେଶକ ସୁଶାନ୍ତ ଦାସ, ସଂଗୀତ ନିର୍ଦ୍ଦେଶକ ଅଶୋକ ନାୟକ, କଣ୍ଠଶିଳ୍ପି ପ୍ରିୟଙ୍କା ଶତଥି, କଣ୍ଠଶିଳ୍ପି ଆକାଶ ନାୟକ, ହାସ୍ୟ ଅଭିନେତା ଯୁନିୟର ନଟିଆଙ୍କୁ ସମ୍ମାନିତ କରାଯିବା ସହ କୃତି ତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାନ ଉତ୍ସବ ସମାରୋହରେ ଅଧ୍ୟକ୍ଷ ଶ୍ରୀ ଦାସ ଅଧ୍ୟକ୍ଷତା କରିଥିଲେ।

ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ସମ୍ମାନୀୟ ଅତିଥି ଭାବରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶ, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗିତାଞ୍ଜଳି ମହାନ୍ତି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେ ଯେ ଦୀର୍ଘ ୨୫ ବର୍ଷଧରି ବହୁ ବାଧବିଘ୍ନକୁ ସମ୍ମୁଖିନ ହୋଇ ଆଜି ରୌପ୍ୟଜୟନ୍ତୀ ପାଳନ କରିଥିବାରୁ ସମସ୍ତ କର୍ମକର୍ତା, ସଭ୍ୟ, ଅନୁଷ୍ଠାନର ସମସ୍ତ ସହଯୋଗୀ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଥିଲେ। ବିଶେଷ କରି ଶିଶୁ କଳାକାର ଓ ଯୁବକ ପ୍ରତିଭାଙ୍କ ପାଇଁ ଏ କାର୍ଯ୍ୟକ୍ରମ ହେଉଥିବାରୁ ସାରା ରାଜ୍ୟରେ ଏହା ଏକ ନିଆରା ଆକର୍ଷଣ ବୋଲି ପରିପ୍ରକାଶ କରିଥିଲେ। ସମ୍ପାଦକ ଦେବାଶିଷ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ମଂଚ ପରିଚାଳନା କରିଥିଲେ ବ୍ରହ୍ମାନନ୍ଦ ସାହୁ ଅନ୍ୟମାନଙ୍କ ମଧ୍ୟରେ ଅନିଲ ଦାସ, ଶ୍ରୀନାଥ ପଟ୍ଟନାୟକ, ପରେଶ ପଣ୍ଡା, ସୁବାଷ ସାହୁ, ପ୍ରବୀଣ ମହାନ୍ତି, ରାକେଶ ରାୟ, ପ୍ରଭାତ ବାରିକ, ସୁନାକର ବାରିକ, ଦୀପକ ଦିଗଲ ଓ ବାପୁନି ଦିଗଲ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ।

# ୩୧୪ ବ୍ଲକରେ ନିର୍ମାଣ ହେବ ଷ୍ଟାଡିୟମ



**ଭୁବନେଶ୍ୱର,୧୯।୩ (ମହାଭାରତ):** ୨୦୨୫-୨୬ ଆର୍ଥିକ ବର୍ଷରେ କ୍ରୀଡା ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୯୪୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ସହ ତୃଣମୂଳ ସ୍ତରରେ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୩୧୪ଟି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ ଏବଂ ଏଥିପାଇଁ ଆସନ୍ତା ୫ ବର୍ଷରେ ୪,୧୨୪ କୋଟି ଟଙ୍କା ବ୍ୟୟ କରାଯିବ ବୋଲି କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ବିଧାନସଭାରେ କହିଛନ୍ତି।

ବଜେଟ ଆଲୋଚନାରେ ଅଂଶ ଗ୍ରହଣ କରି ସେ କହିଥିଲେ ଯେ ବ୍ଲକସ୍ତରୀୟ ଷ୍ଟାଡିୟମରେ କ୍ରିକେ, ଭଲିବଲ, ଫୁଟବଲ, ଆଥଲେଟିକ୍ସ, କବାଡି କ୍ରୀଡା ପାଇଁ ସୁଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠା କରାଯିବ ଏବଂ ଏଥିସହିତ ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଭାରୋତ୍ତଳନ ପାଇଁ ଇନ୍‌ଡୋର ହଲ ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି। କ୍ରୀଡାବିତ ମାନଙ୍କ ତାଲିମ ପାଇଁ କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର, ଢ଼େଙ୍କାନାଳ, ଭଦ୍ରକ ଓ ଜୟପୁରକୁ ସ୍ପୋର୍ଟ୍ସ ହବ୍ ଭାବେ ବିକଶିତ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୩ ସୁଇମିଂ ପୁଲ୍ ନିର୍ମାଣ କରାଯିବା ସହ ପଶ୍ଚିମ ଓଡ଼ିଶାରେ ସମ୍ବଲପୁରକୁ ସ୍ପୋର୍ଟ୍ସ ହବ୍ ଭାବେ ପ୍ରତିଷ୍ଠିତ କରାଯିବ। ଏଥିପାଇଁ ସମ୍ବଲପୁର ଠାରେ ଫିଫା ଷ୍ଟାଣ୍ଡାର୍ଡର ଫୁଟବଲ ପଡିଆ ସହିତ ଫୁଟବଲ ଏକାଡେମୀ ମଧ୍ୟ କରାଯିବ। ସୁନ୍ଦରଗଡର ବଣାଇ, କେନ୍ଦୁଝର, ମୟୁରଭଞ୍ଜ, ରାଇରଂଗପୁରଠାରେ ତୀରନ୍ଦାଜୀ ପାଇଁ ତିନୋଟି ନୂତନ ହାଇପରଫରମାନ୍ସ ସେଣ୍ଟର ନିର୍ମାଣ କରାଯିବ। ଓଡ଼ିଶାରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରତିଯୋଗିତା କରାଯିବ। ରାଜ୍ୟରେ ଯୁବଶକ୍ତି ଯୋଜନା, ଅଭ୍ୟାସ ଓ ପ୍ରଶିକ୍ଷଣ ଯୋଜନା, ବିଶିଷ୍ଟ କ୍ରୀଡା ପ୍ରତିଯୋଗୀମାନଙ୍କୁ ଆର୍ଥିକ ସହାୟତା ଯୋଜନା, ଦୁଃସାହସିକ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ।

# ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା



**ଭୁବନେଶ୍ୱର,୧୯।୩ (ମହାଭାରତ):** ଶିମିଳିପାଳର ଉନ୍ନତ ଜୈବବିବିଧତା ଏବଂ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ଏହାକୁ ୧୯୭୩ ମସିହା ଠାରୁ ବ୍ୟାଘ୍ର ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ବିଧାନସଭାରେ ଶିମିଳିପାଳ ସୁରକ୍ଷା ସମ୍ବନ୍ଧରେ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାର ଭିତିଭୂମିକୁ ମଜବୁତ କରିବାପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା-ପ୍ରୋଜେକ୍ଟ ବ୍ୟାଘ୍ର ମାଧ୍ୟମରେ ନିରନ୍ତର ଆର୍ଥିକ ସହଯୋଗର ବ୍ୟବସ୍ଥା କରାଯାଉଛି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟ ଜନ୍ତୁ ସଂରକ୍ଷଣକୁ ସୁଦୃଢ କରିବା ନିମନ୍ତେ ଆଗାମି ୧୦ ବର୍ଷ ପାଇଁ ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା ୨୦୨୩-୨୪ ଠାରୁ ୨୦୩୨-୩୩ ପର୍ଯନ୍ତ ଅନୁମୋଦିତ ହୋଇଛି । ଶିକାରୀ ଓ ବନ୍ୟଜନ୍ତୁ ମାନଙ୍କର ତଦାରଖ ନିମନ୍ତେ ଏଆଇ କ୍ୟାମେରା, ଇନଫ୍ରା ରେଡ କ୍ୟାମେରା ଏବଂ ଟ୍ରାପ କ୍ୟାମେରା ଲଗାଯାଇଛି। ବୃକ୍ଷ ଏବଂ ବନ୍ୟଜନ୍ତୁ ମାନଙ୍କର ଉନ୍ନତ ବିବିଧତାର ସୁରକ୍ଷା ନିମନ୍ତେ ଶିମିଳିପାଳ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବାହିନୀ ମାନଙ୍କୁ ନିୟୋଜିତ କରାଯାଇଛି। ଏହା ସହ ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ଥାୟୀବନ କର୍ମଚାରୀ (ବନାଂଚଳ ଅଧିକାରୀ, ଉପ ବନାଂଚଳ ଅଧିକାରୀ, ବନପାଳ, ବନରକ୍ଷୀ) ଙ୍କୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଛି। ସୁରକ୍ଷା ସହାୟକ ଏବଂ ଅବସର ପ୍ରାପ୍ତ ସେନା କର୍ମଚାରୀ ଙ୍କୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଛି। ଶିମିଳିପାଳର ପାଦଦେଶରେ ବନ ସୁରକ୍ଷା ବାହିନୀ ଏବଂ ଇକୋ-ଡେଭଲପମେଂଟ କମିଟି ମାଧ୍ୟମରେ ଶିମିଳିପାଳର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଉଛି । ଶିକାର ଖବର ପ୍ରାପ୍ତ ପାଇଁ ଅଧିକାରୀ ମାନଙ୍କୁ ସ୍ୱତନ୍ତ୍ର ଗାଡି ଏବଂ ତଥ୍ୟ ସରବରାହ ପାଇଁ ସ୍ଥାୟୀ ବେତାର କେନ୍ଦ୍ରମାନ ସ୍ଥାପନ କରାଯାଇଛି । ନିଷେଧାଦେଶ ବନ୍ୟଜନ୍ତୁ ପ୍ରବନ୍ଧ ଗୁଡିକର ଚୋରା କାରବାର ଉପରେ ତଥ୍ୟ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଏସ-ୱିନ ର ଗଠନ କରାଯାଇଛି । ଶିକାରୀ ମାନଙ୍କ ଗତିବିଧି ଏବଂ ଅନ୍ୟାନ୍ୟ ଅବାଧ ପ୍ରବେଶ କରୁଥିବା ଦୁର୍ବୃତ ମାନଙ୍କ ପଦକ୍ଷେପକୁ ପ୍ରତିହତ କରିବ ପାଇଁ ୧୩୫ ଗୋଟି ଶିକାର ନିରୋଧକ ଶିବିର ଓ ଅସ୍ଥାୟୀ ମଂଚା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ରେ ଏବଂ ୭୯ ଗୋଟି ଶିକାର ନିରୋଧକ ଶିବିର ଶିମିଳିପାଳ ଉତର ବନ୍ୟପ୍ରାଣୀ ବନଖଣ୍ଡରେ ସ୍ଥାପନ କରାଯାଇ ଅଛି । ସୁରକ୍ଷାକୁ ପ୍ରଭାବଶାଳୀ କରିବା ପାଇଁ ଇନସାସ, ଏକ୍ସ-କାଲିବର ରାଇଫଲ ଏବଂ ସ୍ୱୟଂଚାଳିତ ପିସ୍ତଲ ଆଦି ଅତ୍ୟାଧୁନିକ ଅସ୍ତ୍ର ବନ କର୍ମଚାରୀ ମାନଙ୍କୁ ଯୋଗାଇ ଦିଆଯାଇଅଛି । ନିଆଁ ଦାଉରୁ ସୁରକ୍ଷା ପାଇଁ ଗ୍ରୀଷ୍ମ ଋତୁରେ ଅଗ୍ନି ରେଖା ସୃଷ୍ଟି କରାଯାଉଛି। ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ସ୍ୱେଚ୍ଛାସେବକ ସୃଷ୍ଟି କରାଯାଉଛି।

# ହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ ୪୦୦୦ତମ କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୧୯।୩ (ମହାଭାରତ):** ଭାରତର ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ ଆଜି ଆନ୍ଧ୍ରପ୍ରଦେଶର ଭୀମାଭରମରେ ଏହାର ୪୦୦୦ତମ



ହାପ୍ ଦୈନିକ ବିକ୍ରୟ କେନ୍ଦ୍ର ଉଦଘାଟନ କରିଛି। ଏହି ମାଇଲଖୁଂଟ ସିଧାସଳଖ ଗ୍ରାହକଙ୍କୁ ସତେଜ ଏବଂ ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟ ପ୍ରଦାନ କରିବା ଲାଗି କମ୍ପାନୀର ନିର'ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ହାପ୍ ଦୈନିକ ଏକ୍ସକ୍ଲୁସିଭ୍ ଷ୍ଟୋର୍ କମ୍ପାନୀର ଖୁଚୁରା ବିକ୍ରୟ କେନ୍ଦ୍ର ସମ୍ପ୍ରସାରଣ ରଣନୀତିର ଏକ ଅଂଶବିଶେଷ, ଯାହା ଅରୁଣ ଆଇସ୍କ୍ରିମ୍, ଆରୋକ୍ୟା, ହଟ୍‌ସନ୍‌ଏବଂ ହାନୋବାର ସମେତ ଅନେକ ବ୍ରାଣ୍ଡ ସାମଗ୍ରୀ ଯୋଗାଇ ଦେଇଥାଏ। ଏହି ଷ୍ଟୋରଗୁଡ଼ିକ ଖୁଚୁରା ଆଇସକ୍ରିମ, ତାଜା କ୍ଷୀର, ଦହି, ବଟରମିଲ୍କ, ପନିର, ଦହି, ଜୁସ୍, ଚକୋଲେଟ୍ ଏବଂ ଆହୁରି ଅନେକ ଜିନିଷ ବିକ୍ରି କରିବେ। ହଟ୍‌ସନ୍ ଏଗ୍ରୋର ଉପସ୍ଥିତି ମହାରାଷ୍ଟ୍ର, କେରଳ, ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁ, ତାମିଲନାଡ୍ରୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପୁଡୁଚେରୀ ଏବଂ ଗୋଆରେ ଏହାର ଉପସ୍ଥିତିକୁ ଆହୁରି ଗଭୀର କରିଛି।

୪୦୦୦ତମ ହାପ୍ ଦୈନିକ ବିକ୍ରି କେନ୍ଦ୍ର ସମ୍ପର୍କରେ ମତବ୍ୟକ୍ତ କରି ହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟ ଲିଃର ଅଧ୍ୟକ୍ଷ ଶ୍ରୀ ଆର. ଜି. ଚନ୍ଦ୍ରମୋଗାନ କହିଛଁ, ''ଆନ୍ଧ୍ର ପ୍ରଦେଶର ଭୀମାଭରମରେ ଆମର ୪୦୦୦ତମ ଦୈନିକ ହାପ୍ ଏକ୍ସକ୍ଲୁସିଭ୍ ଷ୍ଟୋର ଉଦଘାଟନ, କମ୍ପାନୀର ତାଜା, ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟକୁ ଗ୍ରାହକଙ୍କ ଅଧିକ ନିକଟତର କରିବା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଦୁଗ୍ଧ ଚାଷୀ ଏବଂ ଫ୍ରାଚାଇଜି ଅଂଶୀଦାରମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ନବସୃଜନ, ଗୁଣବତା ଏବଂ ସମାନ ଉତ୍ପାଦ ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ହଟ୍‌ସନ୍ ଏଗ୍ରୋ ସର୍ବଦା ଧ୍ୟାନ ଦେଇଥାଏ। ଆମର ଲକ୍ଷ୍ୟ ହେଉଛି ଆମର ବଜାର ପ୍ରଭାବ ବିସ୍ତାର କରିବା, ଆମର ବିତରଣ ନେଟୱାର୍କକୁ ମଜବୁତ କରିବା ଏବଂ ଏହିପରି ଭାବେ ଆଧୁନିକ ଖୁଚୁରା ଫର୍ମାଟ୍ ମାଧ୍ୟମରେ ଗ୍ରାହକ ଅଭିଜ୍ଞତାକୁ ବୃଦ୍ଧି କରିବା।''

# ବକୁଳବନ ଉନ୍ନୟନ ଯୋଜନା ପାଇଁ ୫୦ କୋଟିର ବ୍ୟୟବରାଦ




**ଭୁବନେଶ୍ୱର,୧୯।୩ (ମହାଭାରତ):** ପଞ୍ଚସଖା ଗୁରୁଶିଷ୍ୟ ପରମ୍ପରାର ପ୍ରତୀକ ସତ୍ୟବାଦୀ ବକୁଳବନକୁ ଏକ ଐତିହ୍ୟସ୍ଥଳୀ ସହ ଶିକ୍ଷାର ମନ୍ଦିର ରୂପେ ବିକଶିତ କରିବା ପାଇଁ ରାଜ୍ୟ ସରକାର ବକୁଳ ବନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଏବଂ ଏଥିପାଇଁ ଚଳିତ ବର୍ଷ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ବିଧାନସଭାରେ ଘୋଷଣା କରିଛନ୍ତି।

ବିଭାଗୀୟ ଖର୍ଚ୍ଚଦାବି ଉପରେ ହୋଇଥିବା ଆଲୋଚନାର ଉତ୍ତର ଦେଇ ସେ କହିଥିଲେ ଯେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରଠାରୁ ଓଡ଼ିଶାର କଳା ଓ ସଂସ୍କୃତିର ଉନ୍ନତି ପାଇଁ ବିଭାଗ ଅହରହ ଉଦ୍ୟମ ଜାରି ରଖିଛି । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଅଧିନରେ ଥିବା ଏକାଡେମୀ ଓ ଅଧସ୍ତନ କାର୍ଯ୍ୟାଳୟ ଗୁଡିକ ସର୍ବଦା ଚେଷ୍ଟିତ ଅଛନ୍ତି। ବିଲୁପ୍ତ ହୋଇଯାଉଥିବା ବିଭିନ୍ନ ଲୋକକଳା, ପାରମ୍ପରିକ କଳା, ଆଦିବାସୀ କଳା ଓ ସଂସ୍କୃତିର ସଂରକ୍ଷଣ କରି କଳାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭାଗ ବିଭିନ୍ନ ଯୋଜନା କରିଛି। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ନାମରେ ଏକ ଯୋଜନା କରାଯାଇ ରାଜ୍ୟର ବରିଷ୍ଠ କଳାକାରମାନଙ୍କୁ ସହାୟତା ଓ ସହଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୨୦୨୫-୨୬ରେ କଳାକାର ଭତ୍ତା ବାବଦରେ ୧୯୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ରାଜ୍ୟ ପ୍ରତ୍ନତତ୍ୱ ଓ ପୁରାତନ ସ୍ମାରକୀ ଗୁଡ଼ିକର ସଂରକ୍ଷଣ ସହିତ ପଦ୍ମପୁରସ୍କାର ବିଜେତା ମାନଙ୍କୁ ମାସିକ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି। ଦେଶ ଭିତରେ ଓ ବିଶ୍ୱରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଉତ୍ତମ ସଂଯୋଗ ପାଇଁ ଆର୍ଥିକ ବ୍ୟୟବରାଦ କରାଯାଇଛି। ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମୃତିକୁ ସ୍ମରଣୀୟ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ମାରକୀ, ପ୍ରତିମୂର୍ତ୍ତି ସ୍ଥାପନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଆ ଭାଷାର ଉନ୍ନତି, ଓଡ଼ିଆ ଭାଷା ପ୍ରତିଷ୍ଠାନର ସାମଗ୍ରିକ ପ୍ରଦର୍ଶନ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ପାଇଁ ମଧ୍ୟ ଯୋଜନା କରାଯାଇଛି। ମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଗଠନ ହେବା ପରେ ପ୍ରଥମ କ୍ୟାବିନେଟ ବୈଠକରେ ଓଡ଼ିଆ ଅସ୍ମିତା ପାଣ୍ଠି ନାମରେ ଏକ କର୍ପସ ଫଣ୍ଡ କରି ୨୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହାଦ୍ୱାରା ଆମ ସରକାରର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତା ପ୍ରତି ସରକାରଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମନ୍ତ୍ରୀ କହିଥିଲେ।

# ଜଗନ୍ନାଥ ଦାସଙ୍କ ମହାଭାରତ ଶୀର୍ଷକ ପ୍ରଥମ 'ପ୍ରାଚୀନ' ସମ୍ମାନ



**ଭୁବନେଶ୍ୱର,୧୯।୩ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ଓ କଟକସ୍ଥିତ ଓଡିଆ ଗବେଷଣା ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଦିନ ବିଶ୍ୱବିଦ୍ୟାଳୟ ପରିସରରେ ଜଗନ୍ନାଥ ଦାସଙ୍କ ମହାଭାରତ ଶୀର୍ଷକର ପ୍ରଥମ 'ପ୍ରାଚୀନ' ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚକ ଭାବେ ବିଶିଷ୍ଟ ଭାଷାବିଜ୍ଞାନୀ ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗଦେଇ ଜଗନ୍ନାଥ ଦାସଙ୍କ ମହାଭାରତର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ। ଜଗନ୍ନାଥ ଦାସଙ୍କ 'ମହାଭାରତ' ଏକ ଗୁରୁତ୍ୱପୂର୍ଣ୍ଣ ପାଠ। ଜଗନ୍ନାଥ ଦାସ ଓଡ଼ିଆ ନବାକ୍ଷରୀ ଭାଗବତ ରଚନା କରିବା ପୂର୍ବରୁ ରାମାୟଣ ଓ ମହାଭାରତ ରଚନା କରିଥିଲେ ବୋଲି ଦିବାକର ଦାସ ତାଙ୍କ 'ଜଗନ୍ନାଥ ଚରିତାମୃତ'ରେ ଲେଖିଛନ୍ତି। କିନ୍ତୁ କେତେକ ଗବେଷକ ନବାକ୍ଷରୀ 'ମହାଭାରତ'ର ରଚନାକାର ଭାବରେ ତାହାକୁ ସ୍ୱୀକାର କରି ନାହାନ୍ତି। ତାହା ସତ୍ତ୍ୱେ ତାଙ୍କ ନାମରେ ଭଣିତା ଥିବା 'ମହାଭାରତ'ର ଗୁରୁତ୍ୱକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି ଗବେଷକ ତଥା କାନପୁର ଆଇଆଇଟିର ପ୍ରାକ୍ତନ ଇଂରାଜୀ ପ୍ରଫେସର ଡକ୍ଟର ପଟ୍ଟନାୟକ କହିଛନ୍ତି। ଏହି ସମ୍ମାନରେ ବକ୍ତବ୍ୟ ଉପସ୍ଥାପନ କରି ପ୍ରଫେସର ପଟ୍ଟନାୟକ କହିଥିଲେ ଯେ ମହାଭାରତର ଏହି ପାଠରେ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ, ସାରଳା ଦାସଙ୍କ ଓଡ଼ିଆ ମହାଭାରତ ଓ ଶ୍ରୀମଦ୍‌ଭଗବତ୍ ଗୀତାର ସମନ୍ୱୟ ରହିଛି। ମହାଭାରତର ବିଷୟବସ୍ତୁକୁ ସଂକ୍ଷେପରେ ଏବଂ ଅତ୍ୟନ୍ତ ବିଚାରବନ୍ତ ଭାବରେ ଏଥିରେ ଉପସ୍ଥାପନ କରାଯାଇଛି। ଏହି ସମ୍ମାନରେ ଓଡିଆ ଗବେଷଣା ପରିଷଦର ଉପସଭାପତି ତଥା ବିଶିଷ୍ଟ ଗବେଷକ ଡକ୍ଟର ଅସିତ ମହାନ୍ତି ସଭାପତିତ୍ୱ କରି ଗବେଷଣା ପରିଷଦର ଆଭିମୁଖ୍ୟ ଏବଂ ସମ୍ମାନ ସଂପର୍କରେ ସୂଚନା ଦେଇଥିଲେ। ସମ୍ମାନରେ ପ୍ରାଚୀନର ମୁଖ୍ୟ ପ୍ରଫେସର ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପ୍ରାଚୀନ ସଂପର୍କରେ ସୂଚନା ଦେଇ କହିଥିଲେ ସୋଆ ବିଶ୍ୱବିଦ୍ୟାଳୟର 'ପ୍ରାଚୀନ' ବିଭାଗ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଗବେଷଣା ଓ ଅଧ୍ୟୟନର ଲକ୍ଷ୍ୟ ନେଇ ସ୍ଥାପିତ ହୋଇଛି।

# ଆପଣ ଉଚ୍ଚ କୋଲେଷ୍ଟରାଲରେ ବିପଦ ଯୁକ୍ତ ଅଛନ୍ତି କି ?

**ଭୁବନେଶ୍ୱର,୧୯।୩ (ମହାଭାରତ):** ଆମେ ପ୍ରାୟତଃ ଉଚ୍ଚ କୋଲେଷ୍ଟରାଲ ସହିତ ରହିଥାଉ ଯାହାକି ଖରାପ ଖାଦ୍ୟପେୟ ଅଭ୍ୟାସ କିମ୍ବା ବିଶୃଙ୍ଖଳିତ ଜୀବନଶୈଳୀ ସହିତ ଥିବା ବ୍ୟକ୍ତିଙ୍କ ପାଇଁ ଏକ ଚିନ୍ତାର ବିଷୟ।ସାଧାରଣଭାବରେଯେଉଁମାନେ ଦୁର୍ବଳଶରୀର ଦେଖାଯାଆନ୍ତି, ଯୁବକ ଥାଆନ୍ତି କିମ୍ବା କୌଣସି ସ୍ୱାସ୍ଥ୍ୟ ଅବସ୍ଥା ବିନା ପ୍ରାୟତଃ ଏହି କୋଲେଷ୍ଟରାଲ ପ୍ରସଙ୍ଗ ଠାରୁ ସୁରକ୍ଷିତ ରହିବା ପାଇଁ ଚିନ୍ତା କରିଥାଆନ୍ତି। କିନ୍ତୁ ପ୍ରକୃତ ଜିନିଷ ହେଉଛି ଏପରିକି ଅନ୍ୟଥା ସୁସ୍ଥ ବ୍ୟକ୍ତିବିଶେଷ ମାନଙ୍କୁ ଏଭଳି ଉଚ୍ଚତର କୋଲେଷ୍ଟରାଲ ସହିତ ଜଡ଼ିତ ବିପଦ ଗୁଡ଼ିକ ଠାରୁ ମଧ୍ୟ ଉଦ୍ଧାର କରାଯାଇ ପାରିନଥାଏ।୧୨ଏକ ସାଧାରଣ ବିଏମଆଇ ସହିତ ପ୍ରାୟ ୨୫ ପ୍ରତିଶତ ଲୋକ ହୃଦସ୍ପନ୍ଦନ ଜନିତସମସ୍ୟାସହିତ ଥାଆନ୍ତି ଯେପରିକି ଉଚ୍ଚ ରକ୍ତଚାପ, ଉଚ୍ଚ ସୁଗାରସ୍ତର ତଥା ଉଚ୍ଚ କୋଲେଷ୍ଟରାଲ ସ୍ତର। ଭାରତରେ ପ୍ରାୟ ୩୧ ପ୍ରତିଶତଲୋକଙ୍କଠାରେ ଉଚ୍ଚ କୋଲେଷ୍ଟାରଲ୫ ଅଛି ଯାହାକି ସମଗ୍ର ବିଶ୍ୱସ୍ତରରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ଏକ ଅଗ୍ରଣୀ କାରଣ ଅଟେ।୬ଭାରତରେ ଅସ୍ୱାଭାବିକ ଭାବରେକୋଲେଷ୍ଟରାଲ ସ୍ତରରବ୍ୟାପକତା ଉଚ୍ଚ ରକ୍ତଚାପ ଏବଂ ମଧୁମେହକୁ ବୃଦ୍ଧି କରିଥାଏ। ୭ ଏଲଡ଼ିଏଲ କୋଲେଷ୍ଟରାଲ ଯାହାକି ଖରାପ କୋଲେଷ୍ଟରାଲ ଭାବରେ ପରିଚିତ, ଧିରସ୍ଥିର ଭାବରେ ରକ୍ତ ସ୍ରୋତର ଜମାଟ ବାନ୍ଧି ପ୍ଲାକ ସୃଷ୍ଟି କରିଥାଏ ଯାହାକି ବ୍ଲକେଜ, ହୃଦଘାତ ବା ଷ୍ଟ୍ରୋକର କାରଣ ହୋଇଥାଏ। ଏହି ଅବସ୍ଥା ଆଥେରୋସିଲୋସିସ୍ ଭାବେ ଜଣାଶୁଣା ଯାହାର କି ପ୍ରାୟତଃ କୌଣସି ଲକ୍ଷଣ ଦେଖାଯାଇନଥାଏ କିନ୍ତୁ ଅତି ମାରାତ୍ମକ ଅଟେ। ତେଣୁ ଏହି ଲକ୍ଷଣ – କମ୍ ପ୍ରାକୃତିକ ପ୍ରସ୍ତୁତି ଏଲଡ଼ିଏଲସି "ଏକ ନିରବଘାତକ" ଅଟେ। ଦୈନିକବ୍ୟାୟାମ ଏହି ଏଚ଼ଡ଼ିଏଲସି କୋଲେଷ୍ଟରାଲ ବୃଦ୍ଧି ରୋକିବାରେ ସହାୟକ ହୋଇଥାଏ ଯାହାକି ଏକ ଭଲ କୋଲେଷ୍ଟରାଲଭାବରେ ଗ୍ରହଣୀୟ ଏବଂ ମୋଟାମୋଟି ଭାବରେ ଏହା ହୃତପିଣ୍ଡ ଧମନୀ ସମ୍ବନ୍ଧିୟ ସ୍ୱାସ୍ଥ୍ୟକର ଉନ୍ନତି ଘଟାଇଥାଏ। ୮ ତଥାପି ଏହା ସବୁ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଏଲଡ଼ିଏଲସି ଜମାଟ ବାନ୍ଧିବାକୁ ସମ୍ପୂର୍ଣ୍ଣ ଭାବରେ ଦୂରକରି ନଥାଏ। ଏପରିକି ବିଶିଷ୍ଟ ଗୋଷ୍ଠୀରେ ରହିଥିବା ଖେଳାଳୀ ମାନଙ୍କ ଠାରେ ମଧ୍ୟ ଏହି ଉଚ୍ଚ ଏଲଡ଼ିଏଲସ୍ତର ପ୍ରଦର୍ଶିତ ହେବାର ଦେଖାଯାଇଥାଏ।

ମହାଭାରତ

# ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ



## ଜାତୀୟ ସଙ୍ଗୀତ ବିବାଦ

ଓଡ଼ିଶାର ଜାତୀୟ ସଙ୍ଗୀତ ଭାବେ ସ୍ୱୀକୃତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ସେତେବେଳେ ଅନ୍ୟମାନେ ନିଜ ନିଜ ଆସନରୁ ଉଠି ଠିଆ ହୋଇଥିବା ବେଳେ ଜୟନାରାୟଣ ନିଜ ଆସନରେ ବସି ରହିଥିଲେ। ଏହା ଏକ ଗର୍ହିତ ଅପରାଧ। ଏହା ଜାତୀୟ ସଙ୍ଗୀତ(ରାଜ୍ୟ) ପ୍ରତି ଅବମାନନା। ଏଥିପାଇଁ ତାଙ୍କୁ ଗିରଫ କରାଯିବା ଉଚିତ। ବିଧାୟକ ହେବାକୁ ତାଙ୍କର ଯୋଗ୍ୟତା ନାହିଁ। ବିଧାନସଭାରେ ତାଙ୍କ ସଦସ୍ୟତା ରଦ୍ଦ ନିମନ୍ତେ ପ୍ରସ୍ତାବ ଆସିବା ଉଚିତ। ସେ କେବଳ ଓଡ଼ିଶାକୁ ଅସମ୍ମାନୀତ କରିନାହାଁନ୍ତି, ସେ ମଧ୍ୟ ଏକ ବେଆଇନ କାର୍ଯ୍ୟ କରିଛନ୍ତି। ନିଜ ବକ୍ତବ୍ୟରେ ସେ କହିଛନ୍ତି ଯେ, ଓଡ଼ିଶାରେ ପଶ୍ଚିମ ଓଡ଼ିଶା ବା କୋଶଳ ରାଜ୍ୟ ମିଶିବା ଏକ ଐତିହାସିକ ଭୁଲ ନିଷ୍ପତ୍ତି ଥିଲା। ଓଡ଼ିଶା କହିଲେ ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର ଜିଲ୍ଲାକୁ ବୁଝାଏ। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତର କୌଣସି ସ୍ଥାନରେ ପଶ୍ଚିମ ଓଡ଼ିଶା ବିଷୟ ନାହିଁ। ତାଙ୍କର ଏଭଳି ତର୍ଜମା ତାଙ୍କ ମୂର୍ଖାମୀର ପରିଚୟ ପ୍ରଦାନ କରୁଛି। ବନ୍ଦେ ଉତ୍କଳ ଜନନୀର କୌଣସି ସ୍ଥାନରେ କୌଣସି ଜିଲ୍ଲା କଥା ଲେଖାଯାଇନି। ଉପକୂଳ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓଡ଼ିଶା ବିଷୟ ଲେଖାଯାଇନି। ଏଥିରେ କେବଳ ଉତ୍କଳ ଜନନୀ ବିଷୟରେ କୁହାଯାଇଛି। ସ୍ୱତନ୍ତ୍ର ଓଡ଼ିଶା ବା ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଜନ ଆନ୍ଦୋଳନରେ ପଶ୍ଚିମ ଓଡ଼ିଶାବାସୀ ମଧ୍ୟ ସାମିଲ ହୋଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ପଶ୍ଚିମ ଓଡ଼ିଶାବାସୀଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ୧୯୩୬ରେ ଓଡ଼ିଆ ଭାଷାଭାଷି ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା। ଏହା ଥିଲା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନ। ପଶ୍ଚିମ ଓଡ଼ିଶାରେ କ'ଣ ଓଡ଼ିଆ କହୁଥିବା ଲୋକ ବସବାସ କରୁ ନାହାଁନ୍ତି ? ସନ୍ଥ କବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେର କେଉଁ ଭାଷାରେ କବିତା ଲେଖି ଅମର ହୋଇଛନ୍ତି ? ଗଙ୍ଗାଧର ମେହେରଙ୍କୁ କେହି କେବେ ପଶ୍ଚିମଓଡ଼ିଶା, ସମ୍ବଲପୁର ବା କୋଶଳର କବି ବୋଲି କହିନାହିଁ। ତାଙ୍କୁ ଓଡ଼ିଶାର ବରପୁତ୍ର ଭାବେ ବିବେଚନା କରଯାଇଥାଏ। ତାଙ୍କୁ ଉତ୍କଳବାସୀ କେବେ ଅସମ୍ମାନୀତ କରି ନାହାଁନ୍ତି। ଏ ସମ୍ପର୍କରେ ସମ୍ଭବତଃ ଜୟନାରାୟଣଙ୍କର ଜ୍ଞାନ ସୀମିତ ବୋଲି ମନେ ହେଉଛି। କିନ୍ତୁ ଜୟନାରାୟଣଙ୍କ ଏଭଳି ମନ୍ତବ୍ୟ ତାଙ୍କର ବ୍ୟକ୍ତିଗତ ମତ ବୋଲି କହି ବିଜେପି ଏହାକୁ ଗୁରୁତ୍ୱହୀନ କରିବାକୁ ଏଡ଼ାଇ ଯାଉଛି। ଏହି ପ୍ରସଙ୍ଗରେ ବିଧାନସଭାରେ ପ୍ରବଳ ହଙ୍ଗଗୋଳ ହେଉଛି ଯାହା ଯଥାର୍ଥ। ଜୟନାରାୟଣ ଯାହା କହିଛନ୍ତି ତହା ଏକ ବିଭାଜନକାରୀ ଆଭିମୁଖ୍ୟର ଲକ୍ଷଣ। ତାଙ୍କ ବିରୋଧରେ ବିଜେପି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ପଶ୍ଚିମ ଓଡ଼ିଶାର କିଛି ରାଜନେତା ସବୁ ବେଳେ କହି ଆସୁଛନ୍ତି ଯେ, ପଶ୍ଚିମ ଓଡ଼ିଶାକୁ ସବୁ ବେଳେ ଅବହେଳା କରାଯାଉଛି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭୁଲ, ଭିତ୍ତିହୀନ ଏବଂ ବିଭ୍ରାନ୍ତିକର। ଓଡ଼ିଶାରେ କୃଷି ବିକାଶ କହିଲେ ପଶ୍ଚିମ ଓଡ଼ିଶାକୁ ବୁଝାଏ। ପଶ୍ଚିମ ଓଡ଼ିଶାରେ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏମ ପ୍ରତିଷ୍ଠା ହୋଇଛି। ପଶ୍ଚିମ ଓଡ଼ିଶାରେ ଶିଳ୍ପ ବିକାଶ ମଧ୍ୟ ହୋଇଛି। ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିଛି। ସମ୍ବଲପୁରରରୁ ରାଜଧାନୀ ଭୁବନେଶ୍ୱର ଆସିବାକୁ ମାତ୍ର ୫ ଘଣ୍ଟା ସମୟ ଲାଗୁଛି। ତେଣୁ ଉପକୂଳ, ଉତ୍ତର, ଦକ୍ଷିଣ, ପଶ୍ଚିମ ଓଡ଼ିଶା ବୋଲି କହି ଏକ ଛୋଟ ରାଜ୍ୟକୁ ଆହୁରି ଛୋଟ କରାଯିବା ଅନୁଚିତ। ଜୟ ନାରାୟଣଙ୍କ ଏହି ବକ୍ତବ୍ୟ ପୁଣି ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଆନ୍ଦୋଳନକୁ ତେଜିପାରେ। ଅତୀତରେ ବାଳଗୋପାଳ ମିଶ୍ର ଏଭଳି ଉଦ୍ୟମ କରି ବିଫଳ ହୋଇଥିଲେ। ଏବେ ଜୟ ନାରାୟଣ ମିଶ୍ର ଏହାକୁ ଦୋହରାଇଛନ୍ତି।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

*ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।*

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମାଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରକୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୭ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି। ୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ମାନବୀୟ ବିଭବ, ଶୃଙ୍ଖଳା ଓ ଶିଷ୍ଟାଚାର

॥ ବିଚିତ୍ରାନନ୍ଦ ପ୍ରଧାନ ॥

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ହେଉଛି ଶ୍ରେଷ୍ଠ ପ୍ରାଣୀ। ବୁଦ୍ଧି, ବିଚାର, ଆଦର୍ଶ, ସହନଶୀଳତା, ସଂସ୍କୃତି, ମାନବିକତା, ପରୋପକାରିତା, ଭଲ ପାଇବା ଏଗୁଡ଼ିକ ହେଉଛି ତାର ଅନ୍ୟତମ ଗୁଣଗତ ଶ୍ରେଷ୍ଠ ସମ୍ପଦ। ସବୁ ଯୁଗରେ ଶୃଙ୍ଖଳା ଓ ଶିଷ୍ଟାଚାରକୁ ଗୁରୁତ୍ୱ ଦିଆଯାଇଛି। କାରଣ ଏହା ହେଉଛି ମାନବ ଚେତନା। ଜଣେ ଯେତେ ବଡ଼ କ୍ଷମତାଶାଳୀ, ଅର୍ଥଶାଳୀ ଓ ପ୍ରତିପତ୍ତିଶାଳୀ ହୁଅନ୍ତୁ ନାଁ କାହିଁକି ଯଦି ସେ ଶୃଙ୍ଖଳିତ ନୁହଁନ୍ତି ବା ଶିଷ୍ଟାଚାର ଓ ସଂସ୍କୃତିକୁ ନିଜ ଜୀବନରେ କାର୍ଯ୍ୟରେ ପରିଣତ କରିନାହାଁନ୍ତି ତାହାହେଲେ ସେ ମନୁଷ୍ୟ ହୋଇ ମଧ ତାଙ୍କୁ ଜଣେ ମନୁଷ୍ୟ ପଦବାଚ୍ୟ କୁହାଯାଇପାରିବ ନାହିଁ। ପୁରାତନ ଯୁଗର ଆଜି ମାନବ ସଭ୍ୟତାର ମୌଳିକ ଉପାଦାନ ଥିଲା ଶୃଙ୍ଖଳା ଓ ଶିଷ୍ଟାଚାର। ଶୃଙ୍ଖଳା ଓ ଶିଷ୍ଟାଚାରର ଇତିହାସରେ ପୁରାତନ ହୋଇଥିଲେ ମଧ ଏହି ଚିରନ୍ତନ ଓ ନିତ୍ୟନୂତନ। ପ୍ରାଚୀନତ ଯୁଗର ବୈଦିକ ସଭ୍ୟତା ଠାରୁ ଆରମ୍ଭ କରି ଚଳିତ ଯୁଗର ଅତ୍ୟାଧୁନିକ ଯନ୍ତ୍ର ସଭ୍ୟତା ପ୍ରଭୃତିର ପ୍ରତ୍ୟେକ ସୋପାନରେ ଶୃଙ୍ଖଳା ଓ ଶିଷ୍ଟାଚାରର ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି। ଏହା ପ୍ରତ୍ୟେକ ସଭ୍ୟତାର ମୂଳତତ୍ତ୍ୱ ଓ ପ୍ରତ୍ୟେକ ଧର୍ମର ମୂଳନୀତି। ଶୃଙ୍ଖଳା ଜ୍ଞାନ ନଥିଲେ ମନୁଷ୍ୟର ଶିକ୍ଷା ସଭ୍ୟତାର ଅଗ୍ରଗତି ହୋଇପାରିବ ନାହିଁ। ଶୃଙ୍ଖଳା ହେଉଛି ଏକ ନିର୍ଦ୍ଦିଷ୍ଟ ନୀତି ଓ ପଦ୍ଧତିରେ ନିଜକୁ ବାନ୍ଧି ରଖିବା। କାର୍ଯ୍ୟ କ୍ଷେତ୍ରରେ ମନୁଷ୍ୟ ନିଜ ପ୍ରବୃତ୍ତିକୁ ଦମନ କରି ସଂଯମତା ଅବଲମ୍ବନ କରିବା ଦ୍ୱାରା ଶୃଙ୍ଖଳିତ ଭାବରେ କାର୍ଯ୍ୟ ସଂପାଦନ ହୋଇପାରିବ। କୌଣସି ମହତ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରିବା ନିମନ୍ତେ ସଦାଚାର ମାନ ଅଭ୍ୟାସ ଗତ ଭାବରେ ଗ୍ରହଣ କରି ନିଜ ପ୍ରକୃତିରେ ଅଙ୍ଗୀଭୂତ ନିହାତି ଆବଶ୍ୟକ ହୋଇଥାଏ। ଏଣୁ କୁହାଯାଏ ଅଭ୍ୟାସ ଦ୍ୱିତୀୟ ପ୍ରକୃତି ଅଟେ। ଶୃଙ୍ଖଳା ମାଧ୍ୟମରେ ସଦାଚାର ପ୍ରବଣତାକୁ ନିଜ ପ୍ରକୃତିରେ ପରିଣତ କରିବା ସମ୍ଭବ ହୋଇଥାଏ ଓ ଆତ୍ମ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇ ସୁଖ ଓ ସଂବୃଦ୍ଧି ପାଇଥାଏ।

ଶୃଙ୍ଖଳିତ ଭାବରେ କୃଷିକାର୍ଯ୍ୟ କରାଯିବା ଦ୍ୱାରା ଅଧିକ ଫସଲ ଉତ୍ପାଦିତ ହୋଇଥାଏ। ଅଳ୍ପ ସଂଖ୍ୟକ ଶୃଙ୍ଖଳିତ ସୈନ୍ୟ ବହୁ ସଂଖ୍ୟକ ଶୃଙ୍ଖଳାହୀନ ସୈନ୍ୟଙ୍କୁ ପରାସ୍ତ କରି ପାରନ୍ତି। ଏହାର ସତ୍ୟତା ଇତିହାସରେ ପ୍ରମାଣିତ ହୋଇଅଛି। ଆଧ୍ୟାତ୍ମିକ ଜଗତରେ ମଧ ଶୃଙ୍ଖଳା ଜ୍ଞାନର ଅଶେଷ କଲ୍ୟାଣ ନିହିତ ରହିଅଛି। ଯେଉଁ ବ୍ୟକ୍ତି ନିଜର ଆହାର ବ୍ୟବହାର ଓ ନିତ୍ୟକର୍ମମାନ ଶୃଙ୍ଖଳିତ ଭାବରେ ପାଳନ କରେ ସେହି ବ୍ୟକ୍ତି ଶରୀରରେ କୌଣସି ବ୍ୟାଧି ହୋଇନଥାଏ। ସେ ସୁଖର ପ୍ରାଚୁର୍ଯ୍ୟ ମଧରେ ଦୀର୍ଘ ଜୀବନ ଲାଭ କରେ। ମନୁଷ୍ୟ ଶୃଙ୍ଖଳିତ ଭାବରେ ମହତ କାର୍ଯ୍ୟ କଲେ, ପ୍ରତ୍ୟେକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇ ଜଶ ଅର୍ଜନ କରିଥାଏ। ସାମାଜିକ ବିକାଶରେ ପ୍ରତ୍ୟେକ ସମାଜରେ ଆଚରଣ ବିଧି ମାନ ଗଢ଼ି ଉଠିଛି। ଏହାକୁ କୋର୍ଡ ଅଫ କଣ୍ଡକ୍ଟ ବୋଲି କୁହାଯାଏ। ସାମାଜିକ ବ୍ୟବହାରରେ ଶିଷ୍ଟାଚାର ପ୍ରଚଳନ ହୋଇ ଆସୁଅଛି। ଅତିଥି ପ୍ରତି ଗୃହସ୍ଥ ଶିଷ୍ଟାଚାର, ପିତାମାତାଙ୍କ ପ୍ରତି ପୁତ୍ର କନ୍ୟାର ଶିଷ୍ଟାଚାର, ସ୍ୱାମୀ ପ୍ରତି ସ୍ତ୍ରୀର ଶିଷ୍ଟାଚାର, ଗୁରୁମାଙ୍କ ପ୍ରତି ଶିଷ୍ୟଙ୍କର ଶିଷ୍ଟାଚାର ଓ ଶିକ୍ଷକ ମାନଙ୍କ ପ୍ରତି ଛାତ୍ରୀ ମାନଙ୍କର ଶିଷ୍ଟାଚାର ଯୁଗ ଯୁଗ ଧରି ପ୍ରଚଳିତ ହୋଇ ଆସୁଅଛି। ଏହି ବ୍ୟବହାର ବିଧି ସମାଜରେ ପାରସ୍ପରିକ ସମ୍ପର୍କକୁ ଅତୁଟ ରଖିବା ସହିତ ନିର୍ମଳ ଓ ମଧୁମୟ କରି ପାରିଛି। ସଭାସମିତି ଆଦିରେ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ପରସ୍ପର ମଧରେ ମିତ୍ରଭାବ ସୃଷ୍ଟି ହେବା ସହିତ ଆଲୋଚନା ମାଧ୍ୟମରେ ଅକ୍ଳେଶରେ ସମସ୍ୟା ସମାଧାନ ହୋଇଯାଏ। ବିଶୃଙ୍ଖଳିତ ଭାବରେ ଯୁକ୍ତିତର୍କ କରିବା ଦ୍ୱାରା ଅଯଥାରେ କଳହ ହୋଇ ବ୍ୟକ୍ତି ମାନଙ୍କ ମଧରେ ଶତ୍ରୁତା ସୃଷ୍ଟି ହୋଇଯାଏ।

ରଣାଙ୍ଗନରେ ଜଣେ ସୈନିକଙ୍କର ସାମାନ୍ୟ ତୃଟିରୁ ବିଶୃଙ୍ଖଳା ଘଟି ଦେଶ ଦେଶ ମଧରେ ଲଢ଼େଇ ଦ୍ୱାରା ଧନଜୀବନ ନଷ୍ଟ ହୋଇଥାଏ। ଏଣୁ ସାମରିକ ବାହିନୀରେ ଶୃଙ୍ଖଳା ଅତି କଠୋର ଭାବରେ ପାଳନ କରାଯାଏ। ସାମାଜିକ ଜୀବନର ମୂଳାଧାର ହେଉଛି ଶୃଙ୍ଖଳା। ଶିଷ୍ଟାଚାର ଶୃଙ୍ଖଳା ପାଳନରେ ସହାୟକ। ଏଣୁ ଶିଷ୍ଟାଚାର ଓ ଶୃଙ୍ଖଳା ମଧରେ ଅଙ୍ଗାଙ୍ଗୀ ସମନ୍ଧ ରହିଅଛି। ମାନବର ଅନ୍ୟାନ୍ୟ ବିଭବ ଠାରୁ ଶୃଙ୍ଖଳା ଓ ଶିଷ୍ଟାଚାରର ସ୍ଥାନ ଉଚ୍ଚତର ଓ ପ୍ରତ୍ୟେକ କ୍ଷେତ୍ରରେ ଏହା ଅପରିହାର୍ଯ୍ୟ। ଏହା କେହି ଅସ୍ୱୀକାର କରିପାରିବେନାହିଁ। ଏଣୁ ଆଧୁନିକ ଭାରତରେ ଶୃଙ୍ଖଳା ଓ ଶିଷ୍ଟାଚାର ପୁନଃ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ। ଛାତ୍ର ଜୀବନ ଚରିତ୍ର ଗଠନର ପ୍ରକୃଷ୍ଟ ସମୟ ହୋଇଥିବାରୁ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ଆହରଣ କରିବା ଉଚତ। ଶୃଙ୍ଖଳିତ ଜୀବନ ଯାପନରେ ମନୁଷ୍ୟ ଆପାର ଆନନ୍ଦ ପାଏ। ଜୀବନ ସୁଖମୟ ହୁଏ। ଏଣୁ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ସମସ୍ତ ବ୍ୟକ୍ତିର ରହିବା ଅତ୍ୟନ୍ତ ପ୍ରୟୋଜନ। ଜଣେ ଶୃଙ୍ଖଳିତ ଓ ଶିଷ୍ଟାଚାର ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ନିଜ ପରିବାରକୁ ସେହିଧାରାରେ ଗଢ଼ିତୋଳି ଥାଏ ଏବଂ କିଛି ପରିବାରକୁ ନେଇ ଏକ ବୃହତ୍ତର ସମାଜ ବା ଦେଶ ଗଠନ ହୋଇଥାଏ। ଏକ ବିଭବଶାଳୀ ପ୍ରଗତି ଓ ଅଭିବୃଦ୍ଧିଶାଳୀ ରାଷ୍ଟ୍ରର ମୂଳଶକ୍ତି ହେଉଛି ଆଦର୍ଶଗତ ଶିଷ୍ଟାଚାର। ତେଣୁ ଏହି ଶିଷ୍ଟାଚାର ପରି ଏକ ଶ୍ରେଷ୍ଠ ଗୁଣକୁ ନିଜ ଜୀବନରେ କାର୍ଯ୍ୟରେ ପରିଣତ କଲେ ଏହା ଜଣଙ୍କୁ ଦିବ୍ୟ ଜୀବନ ପଥରେ ନେଇଯିବା ସହ ଏକ ସୁସଂସ୍କୃତି ସମ୍ପନ୍ନ ମୂଲ୍ୟବୋଧଭିତ୍ତିକ ପରିବାର ଓ ସମାଜ ଗଠନ ହୋଇପାରିବ।

ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୨୨୪୦୮୫

# ଭାବନାରେ ଭଗବାନ

॥ ଡ଼ ପ୍ରତିଭା ମହାରଥୀ ॥

ଭାବିଦେଲେ ଭକ୍ତ ଦାସିଆ, ପାଚିଲା ଆମ୍ବ ଜଗନ୍ନାଥଙ୍କୁ ଦେବେ ବୋଲି। ଆପଣାଛାଏଁ ଆମ୍ବ ଟୋକେଇରୁ ଆମ୍ବ ଚାଲିଗଲା ରତ୍ନ ସିଂହାସନ। ପଣ୍ଡାମାନଙ୍କ ଗର୍ବ ଖର୍ବ ହେଲା। ଭାବିଦେଲେ ଶ୍ରୀଫଳ ଗୋଟି ଜଗନ୍ନାଥଙ୍କୁ ଦେବେ ଓ ସେ ହାତ ବଢ଼େଇ ନେବେ। ପ୍ରହରାଜପୁରର ବ୍ରାହ୍ମଣ ଗୋସେଇଁଙ୍କ ହାତରୁ ସତକୁ ସତ ସୁଦୀର୍ଘ ହସ୍ତ ପ୍ରସାରଣ କରି ଶ୍ରୀଫଳ ଗୋଟି ନେଇଗଲେ। ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ହେଲା। ଭକ୍ତ ଯୋଗୁ ଧନ୍ୟ ହେଲେ ବ୍ରାହ୍ମଣ ଗୋସେଇଁ ମଧ୍ୟ। ବଡ଼ଦାଣ୍ଡରେ ଦେଖି ଆସିଲେ ନନ୍ଦିଘୋଷ ରଥ, ଶ୍ରୀଗୁଣ୍ଡିଚା ସମୟରେ ସ୍ତ୍ରୀକୁ ଦେଖେଇଦେଲେ ଅବିକଳ ସେଇ ଦୃଶ୍ୟ, ବାଲି ଗାଁ ଗୋଠଗଡ଼ିଆର ଜଳରାଶି ହେଲା ଧନ୍ୟ। ପଞ୍ଚସଖାଙ୍କୁ ମଧ ସେହିଠାରେ ଦେଖେଇଦେଲେ ଦଶାବତାର ଦୃଶ୍ୟ। ଭାଙ୍ଗିଗଲା ଗର୍ବ, ଦର୍ପ, ଅହଙ୍କାର ପଞ୍ଚସଖାଙ୍କର। ମଥା ନୁଆଁଇ ପ୍ରଣାମ ଜଣାଇଲେ, ସ୍ୱୀକାର କଲେ ଭକ୍ତ ଦାସିଆର ପ୍ରଚଣ୍ଡ ଭକ୍ତିକୁ।

ସବୁ ଅସମ୍ଭବକୁ ସମ୍ଭବ କରିବା ପାଇଁ ଗୋଟିଏ ମାର୍ଗ ଭକ୍ତିମାର୍ଗ। ଯୁଗେ ଯୁଗେ ପ୍ରଭୁ ଭକ୍ତ ପାଖକୁ ଧାଇଁ ଆସିଛନ୍ତି। ଯେତେ ନିନ୍ଦା, ଯେତେ ଅପବାଦ ଶୁଣିବାକୁ ପଡ଼ିଲେ ବି ଭକ୍ତଠାରୁ ଦୂରେଇ ରହିପାରନ୍ତିନି ଅନ୍ତର୍ଯ୍ୟାମୀ ଭଗବାନ। ଭକ୍ତର ଭାବନା ଅନୁଯାୟୀ ଉଭା ହୋଇଯାଇଛନ୍ତି ତାରି ଆଗରେ। ଏ ସମ୍ପର୍କରେ କାହାଣୀଟିଏ।

ଗୁଜୁରାଟର ମହାନ ସନ୍ଥ ବିଠଳଦେବ ଭଗବାନ ଶ୍ରୀନାଥ (ଶ୍ରୀକୃଷ୍ଣ)ଙ୍କୁ ନିଜର ପୁଅ ପରି ଦେଖୁଥିଲେ। କୃଷ୍ଣଙ୍କୁ ପୁଅ ପରି ଗାଧୋଇ ଦେଉଥିଲେ। ପ୍ରସ୍ତୁତ ପ୍ରସାଦକୁ ବଡ଼ ସ୍ନେହରେ ତାଙ୍କ ଓଠ ପାଖରେ ଧରି ରଖୁଥିଲେ। ଅନୁରୂପ ରାଧାରାଣୀଙ୍କୁ ମଧ ବୋହୂ ଭଳି ପରିକଳ୍ପନା କରୁଥିଲେ। ଥରେ ଦୋଳଯାତ୍ରାର ଅବ୍ୟବହିତ ପୂର୍ବରୁ ସେ ଉତ୍ସବ ବିଷୟରେ ବହୁତ ଚିନ୍ତା କରୁଥିଲେ। ତାଙ୍କର ଥିଲେ ୭ ଜଣ ପୁଅ ଓ ୭ ଜଣ ବୋହୂ। ବୋହୂମାନେ ସେଦିନ ନୂଆ ଚୁଡ଼ି ପିନ୍ଧିବାକୁ ଆଗ୍ରହ ପ୍ରକାଶ କଲେ। ବିଠଳଦେବ ଜନୈକ କର୍ମଚାରୀ ହାତରେ କାଚରାକୁ ଡକାଇଲେ। ସେ ମଧ କାଳବିଳମ୍ବ ନକରି ଆସି ପହଞ୍ଚିଲା। ସନ୍ଥଙ୍କୁ ପ୍ରଣାମ କରି ବୋହୂମାନଙ୍କୁ ନୂଆ ଚୁଡ଼ି ଦେଖାଇଲା। ସନ୍ଥ ତାଙ୍କ ବ୍ୟବସାୟରେ ବ୍ୟସ୍ତ ରହିଲେ। ଚୁଡ଼ିବାଲା ଜଣ ଜଣ କରି ଚୁଡ଼ି ପିନ୍ଧାଉଥାଏ। ବୋହୂମାନେ ମୁଣ୍ଡରେ ଓଢ଼ଣା ଦେଇ ଚୁଡ଼ି ପିନ୍ଧୁଥାନ୍ତି। କାଚରା ଜଣକୁ ଚୁଡ଼ି ପିନ୍ଧାଇସାରି ତଳେ ଖଡ଼ିରେ ଗାର କାଟି ଦେଉଥାଏ।

ଚୁଡ଼ି ପିନ୍ଧା ସରିଲା। କାଚରା ସନ୍ଥଙ୍କୁ ଦେଖାକରି କହିଲା, 'ମହାହରାଜ, ୮ ଜଣ ବୋହୂଙ୍କୁ ଚୁଡ଼ି ପିନ୍ଧେଇଲି। ମୋର ପ୍ରାପ୍ୟ ଆଠ ଟଙ୍କା ଦିଅନ୍ତୁ। ସନ୍ଥ କହିଲେ - ମୋର ତ ସାତଜଣ ବୋହୂ, ତୁମେ ଆଠଜଣଙ୍କୁ ଚୁଡ଼ି ପିନ୍ଧାଇଲ କିପରି ? ପୁଅର ମା'କୁ ଚୁଡ଼ି ପିନ୍ଧାଇନାହିଁ ତ ! କାଚରା କହିଲା - ନା, ମହାରାଜ। ମୁଁ ତ ମା' ସାଆନ୍ତାଣୀଙ୍କୁ ଚିହ୍ନେ। ସେ ମୁଣ୍ଡରେ ଅଧା ଓଢ଼ଣା ଦିଅନ୍ତି। ତାଙ୍କ ମୁହଁ ଦିଶୁଥାଏ, ମାତ୍ର ବୋହୂମାନେ ତ ମୁଣ୍ଡରେ ପୂର୍ଣ୍ଣ ଓଢ଼ଣା ଦିଅନ୍ତି। ବାସ୍ତବରେ ମୁଁ ଆଠଜଣଙ୍କୁ ହିଁ ଚୁଡ଼ି ପିନ୍ଧେଇଛି। ଗୃହସ୍ଥ ହେଲେ ବି ସନ୍ଥ ବଦାନ୍ୟ ହୃଦୟର ଥିଲେ। ସେ ଭାବିଲେ - 'ଏହାକୁ ଲୋଭ ଗ୍ରାସ କରିଛି। ହଉ, ଭଗବାନ ତ ମୋତେ ଅଭାବୀ ରଖିନାହାନ୍ତି। ଏ ଟଙ୍କାଟିଏ ଅଧିକ ନେଉ।' ଏହା ଭାବି ତାକୁ ୮ ଟଙ୍କା ଦେଇ ବିଦାୟ ଦେଲେ। ରାତିରେ ଶୋଇଲା ବେଳେ କହିଲେ – 'ପ୍ରଭୁ ! ଆଜି ଗୋଟାଏ କ୍ଷତି ସହିବା ଯୋଗ ଥିଲା। ହଉ ତମରି ଇଚ୍ଛା।' ଏହା କହି ସେ ଶୋଇଗଲେ।

ରାତିରେ ରାଧାରାଣୀ ଆସି ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, 'ଶ୍ୱଶୁର ମହାଶୟ ! ଶ୍ରୀନାଥଙ୍କୁ ତୁମେ ପୁତ୍ରବତ୍ ଜ୍ଞାନକର, ତାହେଲେ ହିସାବରେ ମୁଁ ତୁମର ବୋହୂ ହେଲିନି କି ? ତମେ ତମର ଆଉ ଗୋଟିଏ ବୋହୂ କଥା ଭୁଲିଗଲ କିପରି ? ହଉ - ତମେ ସିନା ଭୁଲିଗଲ, ହେଲେ ମୁଁ କିପରି ଭୁଲିଥାନ୍ତି ! ଭକ୍ତର ଭାବନାନୁସାରେ ପ୍ରଭୁଦର୍ଶନ ଦିଅନ୍ତି। ତମର ଏକାନ୍ତ ବାତ୍ସଲ୍ୟ ଭାବ ଦେଖି ମୁଁ ତୁମ ବୋହୂ ହେବାକୁ ଇଚ୍ଛାକଲି। କାଚରାର କିଛି ଦୋଷ ନାହିଁ, ମୁଁ ହିଁ ନୂଆଚୁଡ଼ି ପିନ୍ଧିଛି।' ଏହା କହି ସେ ଅନ୍ତର୍ଦ୍ଧାନ ହୋଇଗଲେ। ସନ୍ଥଙ୍କର ନିଦ୍ରାଭଙ୍ଗ ହେଲା।

# କୃଷକ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଓଡ଼ାପଡ଼ା(ମହାଭାରତ)ରାଜ୍ୟ ସରକାରଙ୍କ ପାଇଲଟ ପ୍ରୋଜେକ୍ଟ ସଫର ମାଧ୍ୟମରେ ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ କାଣ୍ଡ ବିନ୍ଧା ପଞ୍ଚାୟତରେ ଏହି ପ୍ରଶିକ୍ଷଣ ଶିବିର କରାଯାଇଛି ।ଏଥିରେ କାଣ୍ଡ ବିନ୍ଧା,ଗୋବିନ୍ଦପ୍ରସାଦ, ଡେଙ୍ଗୋବୋରେଇ, ବଳରାମପୁର କାଶିଆଡିହି ଓ ମଇଧରପୁର ଗଞ୍ଜରା ଆଦି ଅଞ୍ଚଳର ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜୈବିକ ପ୍ରଣାଳୀରେ ଉତ୍ତତ ମାନର ଚାଷ ବାବଦରେ ପ୍ରଶିକ୍ଷଣ ନେଇଥିଲେ ।ବିଶେଷ କରି ବିଭିନ୍ନ କଳ କାର ଖାନାରୁ ବାହାରୁଥିବା ପାଉଁଶ ଓ ଅନ୍ୟ ବର୍ଜ୍ୟବସ୍ତୁରୁ ଜୈବିକ ସାର ସବୁ ଏହି ପ୍ରୋଜେକ୍ଟ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି । ଏଥିପାଇଁ ଟାଟା ଷ୍ଟିଲ ଓ ବେଦାନ୍ତ ଭଳି ବଡ ବଡ ଚାରୋଟି କମ୍ପାନୀ ସହ ଏମ୍, ଓ , ୟୁ କରାଯାଇଛି ବୋଲି ସି, ଆର୍,ଆର୍, ଆଇ ପକ୍ଷରୁ କୁହାଯାଉଛି ।ଏହି ପ୍ରଶିକ୍ଷଣ ଶିବିର ଦ୍ୱାରା ଚାଷୀ ଅନେକାଂଶରେ ଉପକୃତ ହେବେ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ମାନେ ମଧ୍ୟ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଶେଷରେ କିଛି ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା ।

# ଜନ୍ମଦିନରେ ରକ୍ତଦାନ କରି ଉଦାହରଣ ସୃଷ୍ଟି କଲେ ସମାଜସେବୀ

ହିନ୍ଦୋଳ(ମହାଭାରତ)କଥା ରେ ଅଛି କରିବା ରକ୍ତ ଦାନ ବଞ୍ଚାଇବା ଅନ୍ୟର ଜୀବନ ।ଏହି ବାଣୀରେ ଅନୁପ୍ରାଣିତ ହୋଇ ସମାଜ ସେବୀ ଶ୍ରୀକାନ୍ତ ସାହୁ ନିଜ ଜନ୍ମ ଦିନ ରେ ରକ୍ତ ଦାନ କରି ଯୁବ ପିଢ଼ିଙ୍କ ପାଇଁ ଉଦାହରଣ ସାଜି ଛନ୍ତି । ସୂଚନା ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ କୁକୁଟା ପଞ୍ଚାୟତ ଖଜୁରିଆକଟା ଗ୍ରାମ ର ନିତ୍ୟାନନ୍ଦ ସାହୁଙ୍କ ପୁତ୍ର ଶ୍ରୀକାନ୍ତ ସାହୁ (୩୫)ନିଜ ଜନ୍ମ ଦିନ ରେ ଢେଙ୍କାନାଳ ସ୍ଥିତ ସରକାରୀ ମେଡିକାଲରେ ରକ୍ତଦାନ କରି ଯୁବ ପିଢ଼ିଙ୍କ ପାଇଁ ଉଦାହରଣ ସାଜିଛନ୍ତି । ସେ ଚଳିତ ବର୍ଷ ୩୭ତମ ରକ୍ତ ଦାନ କରିଥିବା ମତ ଦେଇଛନ୍ତି । ଅସହାୟ ଙ୍କ ଦୁଃଖ ଦେଖିଲେ ସହି ପାରନ୍ତିନି ଶ୍ରୀକାନ୍ତ । ସଙ୍ଗେ ସଙ୍ଗେ ନିଜ କୁ ସମସ୍ୟା ସମାଧାନ ଦିଗ ରେ ନିୟୋଜିତ କରି ଦିଅନ୍ତି । ମାନସିକ ବିକୃତ ମାନଙ୍କୁ ଖାଦ୍ୟ, ବସ୍ତ୍ର, ବିଭିନ୍ନ ରୋଗୀ କୁ ସ୍ୱାସ୍ଥ୍ୟ ସେବା, ଜରୁରୀ କାଳୀନ ରକ୍ତଦାନ କରିବା ଏବଂ ବିଭିନ୍ନ ଆଶ୍ରମ କୁ ସହଯୋଗ କରିବା ଭଳି ସମସ୍ତ ସାମାଜିକ କାର୍ଯ୍ୟ ରେ ନିଗମ ସହଯୋଗ ସର୍ବଦା ପ୍ରଂଶସାନୀୟ କମ ବୟସ ରୁ ତାଙ୍କର ଏହି ଭଳି ସୁନ୍ଦର କାର୍ଯ୍ୟପାଇଁ ବାସୀ ଅ□ଳରେ ପ୍ରଂଶସାର ସୁଅ ଛୁଟିଛି ।

# ଇଚ୍ଛାପୁରରେ ମଦବିକ୍ରିକୁ ବିରୋଧ କରି ଗ୍ରାମବାସୀଙ୍କ ଶୋଭାଯାତ୍ରା



କୋକସରା (ମହାଭାରତ) : କଳାହାଣ୍ଡି ଜିଲ୍ଲା କୋକସରା ଥାନା ତରାପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ମଦକୋଠିରେ ମଦବିକ୍ରି କରୁଥିବା ବିରୋଧ କରି ବୁଧବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ଗ୍ରାମର ପ୍ରତ୍ୟକ ପଡାକୁ ଯାଇ ଗାଁ ରେ ସମ୍ପୂର୍ଣ୍ଣ ଭାବେ ମଦବିକ୍ରି ବନ୍ଦ କରିବା ପାଇଁ ନାରାବାଜି ଦେଇ ଆଗକୁ ଗାଁରେ ମଦ ବିକ୍ରି ବନ୍ଦ ନକଲେ ପରିସ୍ଥିତି ଅଣାୟ□ ହେବାକୁ ଚେତାବନୀ ଦେଇଛନ୍ତି । ଶୋଭାଯାତ୍ରା ରେ ବିଭୁତି ପୁଝାରୀ, ଚମ୍ପେ ପୁଝାରୀ, ପୁରନ୍ଧର ପଟେଲ, ମଦନ ପୁଝାରୀ, ନରେନ୍ଦ୍ର ଧଙ୍ଗଡ଼ାମାଝୀ, ଦିପେନ୍ଦ୍ର ପୁଝାରୀ,ଅପରାଜିତା ପୁଝାରୀ, ରୁନୁ ଧଙ୍ଗଡ଼ାମାଝୀ,ଗୁନ ଦଳପତି, କିଆ ପୁଝାରୀ, ଯମୁନା ପୁଝାରୀ, ଲିଲି ନାଏକ, ଗୁର ପୁଝାରୀ, ଶଶୀ ନାଏକ, ମିନା ତାଣ୍ଡି, ବାଳିକା ଦଳପତି, ମିଶନଶକ୍ତି ମହିଳା ସମେତ ଗ୍ରାମର ଶତାଧିକ ମହିଳା ରାଲିରେ ସାମିଲ ହୋଇଥିଲେ ।

# ଡ଼ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକ ଦିବସ ପାଳନ

ହିନ୍ଦୋଳ(ମହାଭାରତ)ପୁର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଜେପି ରାଜ୍ୟ ସଭାପତି ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ହିନ୍ଦୋଳ ନଗର ବିଜେପି ପକ୍ଷରୁ ହିନ୍ଦୋଳ ଟାଉନ୍ ହଲ୍ ଠାରେ ଶୋକ ଦିବସ ପାଳନ କରାଯାଇଛିଯବିଜେପି ରାଜ୍ୟ ପରିଷଦ ସଭ୍ୟ ଅଜୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ କୁମାର ବେହେରା,ରିନା ବେହେରା,ଦୀପକ ବିଶ୍ୱାଳ, ଶ୍ରୀପତି ସାହୁ, ପ୍ରମୋଦ ଶଙ୍କର ବେହେରା, ରମେଶ ମିଶ୍ର,ସୁମନ ଦାସ,ଶରତ କୁମାର ଭୂତିଆ,ପରମାନନ୍ଦ ପ୍ରଧାନ, ବନଜ କୁମାର୍ ପାଳ,ଗୋଲାପ ମହମ୍ମଦ,ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମା ର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ ଯ



# ବାଡି ଅଗଣା କୁକୁଡା ଚାଷ ସମ୍ପର୍କିତ ଦିନିକିଆ ତାଲିମ

କନ୍ଧମାଳ :(ମହାଭାରତ): ଅଦିବାସୀ ପରିବାର ମାନଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ ଓଡିଶା ସରକାର ମୁଖ୍ୟମନ୍ତ୍ରୀ ଜନଜାତି ଜିବିକା ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପଦେକ୍ଷପ ନେଉଥିବା ବେଳେ କନ୍ଧମାଳ ଜିଲ୍ଲାରେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । କନ୍ଧମାଳ ଜିଲ୍ଲା ର ଫୁଲବାଣୀ ସମନ୍ୱିତ ଆଦିବାସୀ ଉତ୍ତୟନ ସଂସ୍ଥା ତରଫରୁ ଖଜୁରିପଡା ବ୍ଲକ୍ ର ବିଭିନ୍ନ ଅଂଚଳ ରେ ଏହି ଯୋଜନା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କ ସହାୟତା ରେ ପରିଚାଳିତ ହେଉଛି । ଆ.ଇ.ଟି.ଡି.ଏ. ର ପ୍ରକଳ୍ପ ନିର୍ଦ୍ଦେଶିକା ଦେବଜାନୀ ଭୂୟାଁ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳକ ପି. ମୁରଲିଧର ଯୋଜନା କୁ ଗ୍ରାମ୍ୟସ୍ତରରେ ପହଂଚାଇବାକୁ ଚେଷ୍ଟିତ ଅଛନ୍ତି । ଏହି ପରିପ୍ରେକ୍ଷୀରେ ଆଦିବାସୀ ପରିବାର ଗୁଡିକର ଆର୍ଥୀକ ସ୍ୱଚ୍ଛଳତା କୁ ଆଖିଆଗରେ ରଖି ବାଡି ଅଗଣା କୁକୁଡା ଚାଷ କୁ ପ୍ରାଧାନ୍ୟ ଦିଆଯାଇଛି । ଯେଉଁଥିରେ ଗୋଟିଏ ଆଦିବାସି ପରିବାରକୁ ୪୫ ଟି କୁକୁଡା ଦିଆ ଯାଉଥିବା ବେଳେ ସେମାନଙ୍କର ସଠିକ୍ ରକ୍ଷଣା ବେକ୍ଷଣ ପାଇଁ ଖଜୁରିପଡା ବ୍ଲକ୍ ବୈଠକ ଗୃହ ଠାରେ ଏକ ଦିନିକିଆ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଳ ବ୍ୟକ୍ତି ଭାବରେ ଖଜୁରିପଡା ବ୍ଲକ୍ ପଶୁ ବିଭାଗ ଅଧିକାରି ଡାକ୍ତର ଦେବାଶିଶ ସାହୁ, ସ୍ୱାତୀ ଅନୁଷ୍ଠାନ ର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର ଓ ଓଡିଶା ଜିବିକା ମିଶନ୍ ର ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜକ ଦିପ୍ତିରାଣି ପଟ୍ଟନାୟକ ଯୋଗ ଦେଇ ବାଡି ଅଗଣା କୁକୁଡା ଚାଷ ପାଇଁ ସୋନାଲି କୁକୁଡା କିପରି ଦେଶି କୁକୁଡା ଚାଷ ଠାରୁ ଲାଭ ଦାୟକ ତାହା ଆଲୋଚନା କରିଥିଲେ । ତତ୍ସହିତ ସମନ୍ୱିତ ଆଦିବାଶୀ ଉତ୍ତୟନ ସଂସ୍ଥାର ଗୁପ୍ତ ଖିଲ ଏହା କିପରି ଆଦିବାସି ପରିବାର କୁ ୧୨୦୦୦ ରୁ ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଦେଇପାରିବ ତାହା ମଧ୍ୟ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ବ୍ଲକ୍ ସ୍ତରିୟ ଜିବିକା ବିଶେଷଜ୍ଞ ଶ୍ରୀପତି ପାତ୍ର ଚାଷି ମାନଙ୍କୁ କୁକୁଡା ଗ୍ରହଣ କରିବା ଠାରୁ ବଡ କରିବା ପର୍ଯ୍ୟନ୍ତ କିପରି ଯତ୍ନ ନେବେ ଏବଂ ରୋଗ ନିୟନ୍ତ୍ରଣ ପାଇଁ କିପରି ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରିବେ ତାହା ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ୦୭ ଗୋଟି ଗ୍ରମପଂଚାୟତ ରୁ ୬୦ରୁ ଅଧିକ ପୁରୁଷ ଓ ମହିଳା ଚାଷି ଓ ପ୍ରଣୀ ମିତ୍ରମାନେ ଯୋଗ ଦେଇଥିବା ବେଳେ ପ୍ରଦାନ, ବସୁନ୍ଧରା ଓ ହର୍ଷଟ୍ରଷ୍ଟ ର ଅଧିକାରି ମାନେ ଉପସ୍ଥିତ ଥିଲେ ।

# ମୃତ୍ୟୁ ପୂର୍ବରୁ ଅଙ୍ଗଦାନ କରି ଉଦାହରଣର ପାଲଟିଲେ ବିଷମକଟକ ଅଞ୍ଚଳର ଯୁବକ ଚନ୍ଦ୍ରଶେଖର

ବିଷମକଟକ (ମହାଭାରତ) : ମୃତ୍ୟୁ ପୂର୍ବରୁ ଅଙ୍ଗଦାନ କରି ଚର୍ଚ୍ଚରେ ରାୟଗଡା ଜିଲ୍ଲା ବିଷମକଟକ ଥାନା ଡୁକୁମ ଗ୍ରାମର ଯୁବକ ଚନ୍ଦ୍ରଶେଖର ନାୟକ (୨୧) ଗତ ୧୪ ତାରିଖ ହୋଲି ଦିନ ବିଷମକଟକ ଠାରେ ହୋଲି ଖେଳି ବାଇକ ଯୋଗେ ନିଜଗ୍ରାମ ଡୁକୁମ ଫେରିବା ସମୟରେ ସୁନାରୀଗୁଡା ନିକଟରେ ଚନ୍ଦ୍ରଶେଖର ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଗୁରୁତ୍ୱର ଅବସ୍ଥାରେ ରହିଥିବା ଚନ୍ଦ୍ରଶେଖରଙ୍କୁ ପ୍ରଥମେ ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲ କୁ ଅଣାଯାଇଥିଲା ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେବା ଫଳରେ ଆନ୍ଧ୍ରପ୍ରଦେଶ ର ରାଗୁଲୁ କୁ ରେଫର କରାଯାଇଥିଲା । ସେଠାରେ ମଧ୍ୟ ଡାକ୍ତର ଙ୍କ ଦ୍ୱାରା ଚନ୍ଦ୍ରଶେଖର ସ୍ୱାସ୍ଥ୍ୟ ଅବସ୍ଥା ଶୋଚନୀୟ ରହିବା ଓ କିଛି ସମୟରେ ନିଜର ଜୀବନ ହାରିବା ର ସୂଚନା ପାଇ ନିଜେ ଚନ୍ଦ୍ରଶେଖର କହିବା ପରେ ପିତା କୃଷ୍ଣ ନାୟକ ସପରିବାର ସହ କଥାବାର୍ତ୍ତା ହୋଇ ପୁଅଙ୍କ ମୃତ୍ୟୁ ପରେ ଅଙ୍ଗ ଦାନ କରିବାର ନିଷ୍ପତି ନେଇଥିଲେ ଯ ମୃତ୍ୟୁ ପରେ ଚନ୍ଦ୍ରଶେଖର ଙ୍କ ଫୁସଫୁସ କୁ ହାଇଦ୍ରାବାଦ ମେଡିକାଲ ଓ ଲିବର ଓ କିଡ଼ନୀ କୁ ବିଶାଖାପାଟଣା ମେଡିକାଲ କୁ ଡନେଟ କରାଯାଇଥିଲା । ଚନ୍ଦ୍ରଶେଖର କିଛି ମାସ ହେଲା ମୁନିଗଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଟେନେ□ ଭାବେ କାର୍ଯ୍ୟରତ ଥିଲେ । ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ, ମୃତ୍ୟୁ ପରେ ଅଙ୍ଗଦାନ ଦାନ ଭଳି ମହତ୍ୱ କାମକରି ଚନ୍ଦ୍ରଶେଖର ଚିରଦିନ ପାଇଁ ଆମର ହୋଇ ରହିଯାଇଛନ୍ତି । ପରିବାରର ଏଭଳି ମହ□ କାମକୁ ସ୍ଥାନୀୟ ଅ□ଳବାସି ଭୂରି ଭୂରି ପ୍ରଶଂସା କରିବା ସହ ପିତା କୃଷ୍ଣ ନାୟକ ଓ ପରିବାରର ଏଭଳି ମହାନ କାମର ନିଷ୍ପତିକୁ ଚିର ଦିନ ପାଇଁ ଲୋକଙ୍କ ମନରେ ପ୍ରଶଂସାର ପାତ୍ର ସାଉଁଟିବା ସହ ଲୋକଙ୍କ ପଖରେ ଏକ ଉଦାହରଣ ସୃଷ୍ଟି କରିପାରିଛି ।

# ଇ -ସ୍କୁଲ ମାଧ୍ୟମରେ ଓଡିଶା ରେ କମ୍ପୁଟର ଶିକ୍ଷ୍ୟାର ଶୁଭ୍ରାରମ୍ଭ

ଭୁବନେଶ୍ୱର (ମହାଭାରତ ):ସମଗ୍ର ରାଜ୍ୟରେ ସରକାରଙ୍କ ତରଫରୁ ପ୍ରତି ହାଇସ୍କୁଲ ଙ୍କୁ ସ୍ମାର୍ଟ ଶ୍ରେଣୀ ର ରୂପ ଦେଇଥିବା ବେଳେ ଏବେବି ବିଭିନ୍ନ ସ୍କୁଲରେ କମ୍ପୁଟର ଶିକ୍ଷକ ର ଅଭାବଦେଖିବାକୁ ମିଳୁଛି ।ପ୍ରକାଶଥାଉକି ଭୁବନେଶ୍ୱର ସ୍ଥିତ ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନେସନାଲ ଠାରେ ଇ -ସ୍କୁଲ ମାଧ୍ୟମରେ ଓଡିଶା ରେ କୋମ୍ପୁଟର ଶିକ୍ଷ୍ୟାର ଶୁଭ୍ରାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଉଦଘାଟନ କରିଥିଲେ । ସୂଚନା ଅନୁସାରେ ଚଳିତ ବିଧାନସଭା ଅଧିବେଶନ ଚାଲୁଥିବା ବେଳେ ସମଗ୍ର ଓଡିଶା ରେ କମ୍ପୁଟର ଶିକ୍ଷକ ଅଭାବ ନେଇ ତୁମ୍ଫିତୋଫାନ ଦେଖାଦେଇଥିଲା ।ଆଗାମୀ ଦିନ ରେ ବୈଷୟିକ ଶିକ୍ଷ୍ୟା ର ଏକ ଯୋଗାନ୍ତକାରୀ ପଦକ୍ଷେପ ଓଡିଶା ର ପ୍ରତି ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ମାନଙ୍କରେ ଇ -ସ୍କୁଲ ମାଧ୍ୟମରେ ଭୁବନେଶ୍ୱର ଆଇକନିକ ଏଜୁକେସନ ଲିମିଟେଡ଼ ରାକେଶ କୁମାର ମହାନ୍ତି ଙ୍କ ଦ୍ୱାରା ପ୍ରଚଳିତ ହବା ପାଇଁ ଯାଉଅଛି ।

# ଜୟପୁର ମ୍ୟୁନିସିପାଲିଟି ପୁଣି ପ୍ରଶ୍ନ ଘେରରେ
# ମହିଳା ମୁଖ୍ୟ କିରାଣୀ ଭଙ୍ଗା ଅଫିସରେ, ଷ୍ଟେନୋ ବାବୁ ଏସି ରୁମରେ



ଏପରି ଏକ ବିରଳ ଦୃଶ୍ୟ ଦେଖିବା କୁ ମିଳିଛି କୋରାପୁଟ ଜିଲ୍ଲା ଜୟପୁର ମ୍ୟୁନିସିପାଲିଟିରେ ।





ଜୟପୁର ମ୍ୟୁନିସିପାଲିଟି ବିବାଦ ରୁ ହଟିବା ପ୍ରଶ୍ନ ଉଠୁନାହିଁ । ପ୍ରଥମେ ଜଗନ୍ନାଥ ସାଗରର ପୁନରୁଦ୍ଧାର କାର୍ଯ୍ୟ କୁ ନେଇ ବିବାଦ ଘେରରେ ରହିଥିବା ବେଳେ ଏବେ ପୁଣି ବିବାଦ ଘେରରେ ଜୟପୁର ମ୍ୟୁନିସିପାଲିଟି । ଜୟପୁର ମ୍ୟୁନିସିପାଲିଟି ର ମହିଳା ମୁଖ୍ୟ କିରାଣୀ ଏକ ଭଙ୍ଗା ଅଫିସରେ ନିଜ କାର୍ଯ୍ୟ କରୁଥିବା ବେଳେ ଷ୍ଟେନୋ ବାବୁ ଙ୍କୁ ମିଳିଛି ଏକ ସ୍ପେସଲ୍ ଏସି ରୁମ୍ ।ଯାହା କି ଏବେ ଜୟପୁର ବୁଦ୍ଧିଜୀବୀ ମହଲରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି । କାର୍ଯ୍ୟାଳୟ ର ସର୍ବେସର୍ବା ଜଣେ ମୁଖ୍ୟ କିରାଣୀ, କାରଣ ଅଫିସର ସମସ୍ତ ମୁଖ୍ୟ କାଗଜପତ୍ର ତାଙ୍କ ଅଧିନରେ ଥାଏ । ଏବଂ ସମସ୍ତ ମୁଖ୍ୟ ନଥି ପତ୍ରର ଦାୟିତ୍ୱ ତାଙ୍କ ଅଧିନରେ ଥାଏ । କିନ୍ତୁ ଜୟପୁର ପୌରପାଳିକାର ନିୟମ ବୋଧେ ଅଲଗା । ତେଣୁ ଜଣେ ଷ୍ଟେନୋ ବାବୁ ଙ୍କୁ ଏକ ସ୍ପେସଲ୍ ଏସି ରୁମ୍ ମିଳିଥିବା ବେଳେ ଭିଷଣ ଗରମରେ ଜଣେ ମହିଳା ମୁଖ୍ୟ କିରାଣୀ ଭଙ୍ଗା ଅଫିସରେ ବସି କାର୍ଯ୍ୟ କରୁଥିବା ଏବେ ଜନ ସାଧାରଣ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଜୟପୁର ବିଧାୟକ ବିଧାନ ସଭାରେ ନାରୀଙ୍କୁ ସମ୍ମାନ ପାଇଁ କୋଠର ଆଇନ ଆଣିବାକୁ ସଂଘର୍ଷ ଜାରି ରଖିଥିବା ବେଳେ କିନ୍ତୁ ଜୟପୁର ପୌରପାଳିକାର ବାସ୍ତବ ଚିତ୍ର ଅଲଗା । ତେବେ ଜୟପୁର ପୌର ପାଳିକାରେ ନାରୀଙ୍କୁ ଏ କିପରି ସମ୍ମାନ ତାହା ଜନସାଧାରଣ ଏବଂ ବୁଦ୍ଧିଜୀବୀ ମହଲରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି ।

# କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ୭୪ ତମ ବାର୍ଷିକ ସାଧାରଣ ସଭା



କୋରାପୁଟ(ମହାଭାରତ):କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ, ଜୟପୁରର ସମ୍ମିଳନୀ କକ୍ଷରେ ବ୍ୟାଙ୍କର ୭୪ ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ବ୍ୟାଙ୍କର ସଭାପତି ଇଂ. ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀଯୁକ୍ତ ପାଣିଗ୍ରାହୀ ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କର ସମ୍ପାଦକ ଶ୍ରୀଯୁକ୍ତ ଅତୁଲ୍ୟ କୁମାର ମଲ୍ଲିକ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବାର୍ଷିକ ସାଧାରଣ ସଭାକୁ ପରିଚାଳନା କରିଥିଲେ । ବ୍ୟାଙ୍କର ଇ.ଏ.ଗ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବନାଗାଡି ସଭାର ଆଲୋଚିତ ବିଷୟବସ୍ତୁ ଗୁଡିକୁ ଉପସ୍ଥିତ ଅଂଶୀଦାର ମାନଙ୍କ ଅବଗତି ନିମନ୍ତେ ଉପସ୍ଥାପନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉପ ନିବନ୍ଧକ ସମବାୟ ସମିତି ସମୂହ, ଜୟପୁର ଉପଖଣ୍ଡ, ଉପ ନିବନ୍ଧକ ସମବାୟ ସମିତି ସମୂହ, ରାୟଗଡା ଉପଖଣ୍ଡ, ବ୍ୟାଙ୍କର ଉପସଭାପତି ସୁଶ୍ରୀ ଦୁରୁପୁତା ଭତରା, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରମାକାନ୍ତ ରାଉଳ ତଥା ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଓ ସଦସ୍ୟା ବୃନ୍ଦ ଏବଂ ବ୍ୟାଙ୍କସହ ଅନୁବନ୍ଧିତ ଅଂଶୀଦାର ସମବାୟ ସମିତି ମାନଙ୍କ ଦ୍ୱାରା ମନୋନୀତ ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ।

# ବିଧାୟକ ଙ୍କ ଦ୍ୱାରା ପାଉଁଶକୁଳି ଦୋଳ ଉତ୍ସବ ଉଦଘାଟିତ



(ମହାଭାରତ /ବସ୍ତା) ବସ୍ତା ବ୍ଲକ ପାଉଁଶକୁଲ ଠାରେ ରଙ୍ଗ ର ପର୍ବ ହୋଲି ଉପଲକ୍ଷେ ଦୋଳ ଉତ୍ସବ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ କୁ ଜଳେଶ୍ୱର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ମୁଖ୍ୟ ଅତିଥି ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଶିଶିର କୁମାର ସେନାପତି ଯୋଗ ଦେଇ ମିଳିତ ଭାବେ ଫିତା କାଟି ଶୁଭ ଉଦ୍ଘାଟନ କରିଥିଲେ । ବରେଣ୍ୟ ଅତିଥି ଭାବେ ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ଅଜୟ କୁମାର ସାହୁ, ଭେଲୋରା ସମିତି ସଦସ୍ୟ ଅନାଦି ଦାସ, କରୁଆ ସରପଞ୍ଚ ଜୟନ୍ତ କୁମାର ରଣା, ତାଡ଼ଦା ସରପଞ୍ଚ ପ୍ରଭାତ କୁମାର ଦାସ, ରଘୁନାଥ ପୁର ସରପ□ ଅନନ୍ତ କୁମାର ବାରିକ, ପାଉଁଶକୁଳି ସମିତି ସଦସ୍ୟା ଙ୍କ ପ୍ରତିନିଧି କାର୍ତ୍ତିକ ପାତ୍ର,ସମାଜ ସେବୀ ଧିରେନ୍ ସାହୁ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ସୁରେଶ କୁମାର ପାତ୍ର, ଶିକ୍ଷାବିତ ପଞ୍ଚାନନ ଦାସ, ନାରାୟଣ ଉପାଧ୍ୟାୟ, ରାମ ଚନ୍ଦ୍ର ବେସ୍ରା, ବୃନ୍ଦାବନ ପଣ୍ଡା ସମେତ ଦୋଳ ଉତ୍ସବ କମିଟି ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଥିଲେ । ଭାଇଚାରାର ପର୍ବ ହେଉଛି ପବିତ୍ର ଦୋଳ ପର୍ବ , ରାଗରଷା, ମାନ ଅଭିମାନ କୁ ଭୁଲି ଏକତ୍ର ହୋଇ ରଙ୍ଗ ଖେଳବା, ମିଠା ବଣ୍ଟନ କରିବା ଭାବର ଆଦାନ ପ୍ରଦାନ କରିବା ହେଉଛି ଏହି ପର୍ବର ମହତ୍ୱ । ତେଣୁ କେବଳ ଦୋଳ ପର୍ବ ନୁହଁ ଅଞ୍ଚଳର ସାମୁହିକ ବିକାଶ ପାଇଁ ଦଳଗତ ମତ ନିର୍ବିଶେଷରେ ଆଗେଇ ଆସିବାକୁ ମଞ୍ଚରୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା ।

## ପୁଣି ପରିତ୍ୟକ୍ତ କ୍ରସରରୁ ଚୋରି
# ଯୋଡା ପୋଲିସ ଜବତ କଲା ଦୁଇଟି ଖଣିଜ ବୋଝେଇ ଟ୍ରକ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ତଥା ଯୋଡା ଥାନା ଅଞ୍ଚଳ ରେ ଥିବା ବେହେରା ହଟିଙ୍ଗ ନିକଟସ୍ଥ ଏକ ପରିତ୍ୟକ୍ତ କ୍ରସର ରେ ପଡ଼ିଥିବା ଖଣିଜ କୁ ପୁଣି ଚୋରୀ କରୁଥିବା ବେଳେ ପୋଲିସ ଅତର୍କିତ ଚଢ଼ାଉ କରି ଦୁଇଟି ଟ୍ରକ୍ କୁ ଜବତ କରିଛି ।ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ଦୁଇଟା ବେଳେ ସୂତ୍ରରୁ ଖବର ପାଇ ଯୋଡା ପୋଲିସ ବେହେରା ହଟିଙ୍ଗ ଠାରେ ସଦଳବଳେ ଚଢାଉ କରିଥିଲା ।ଅନ୍ଧାର ର ସୁଯୋଗ ରେ ଚୋର ମାନେ ନିକଟସ୍ତ ଜଙ୍ଗଲ କୁ ଦୌଡ଼ି ପଳେଇ ଯାଇଥିବା ବେଳେ ପୋଲିସ ଲୁହାପଥର ବୋଝେଇ ଦୁଇଟି ଟ୍ରକ୍ ନଂ ଓ ଡି ୦୯ଜେଡ୍ ୩୧୦୬ ଓ ଡି ୦୯ ପି ୧୭୧୫ କୁ ଜବତ କରିଥିଲା ।ଉକ୍ତ ଟ୍ରକ୍ ଦ୍ୱୟରେ ପ୍ରାୟ ୪୦ମେଟ୍ରିକ୍ ଟନ୍ ର ଲୁହାପଥର ବୋଝେଇ ହୋଇଥିବା ଆକଳନ ରୁ ଜଣାପଡିଛି ।ଟ୍ରକ୍ ଦ୍ୱୟ କୁ ପୋଲିସ ଯାଞ୍ଚ କଲାବେଳେ ସେଥିମଧ୍ୟରୁ ଘରୋଇ ପରିବହନ ଚାଲାଣ ଜବତ ହୋଇଛି ।ଯୋଡା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇ କହିଛନ୍ତି ଯେ,ଏହି ଚାଲାଣ ର ଯାଞ୍ଚ କରାଯାଉଛି,ତେବେ ପ୍ରାରମ୍ଭିକ ତଦନ୍ତ ରୁ ଏହା ନକଲି ହୋଇ ଥାଇ ପାରେ ବୋଲି ସେ କହିଛନ୍ତି ।କାରଣ କିଛି ରଙ୍ଗୀନ କାଗଜରେ ମୁଦ୍ରଣ କରାଯାଇ ଥିବା ପରିଲକ୍ଷିତ ହୋଇଛି ।ଏହାକୁ ନେଇ କେନ୍ଦୁଝର ଜିଲ୍ଲା ପୋଲିସ ଅଧିକ ତଦନ୍ତ କରୁଥିବା ପୋଲିସ ପ୍ରକାଶ କରିଛି ।ସୂଚନା ଯୋଗ୍ୟ କି,ଗତ ତା ୧୭/୦୨/୨୦୨୫ ରିଖରେ ଏହି ସ୍ଥାନରୁ ଯୋଡା ପୋଲିସ ଚଢ଼ାଉ କରି ଗୋଟିଏ ଲୁହାପଥର ବୋଝେଇ ଟ୍ରକ୍ ଜବତ



କରିଥିଲା ।ଅତୀତରେ ଏହି ଏହି ସ୍ଥାନରେ ଏକ ଲୁହାପଥର କ୍ରସର ଥିଲା ।ଖଣି ନିୟମ ଅନୁଯାୟୀ,ଖଣି ଅଞ୍ଚଳ ରୁ କ୍ରସର ବନ୍ଦ ହେବା ପରେ ଏହି ପରିତ୍ୟକ୍ତ କ୍ରସର ପ୍ରାଙ୍ଗଣରେ ହଜାର ହଜାର ମେଟ୍ରିକ୍ ଟନ୍ ଉତ୍ତତ ମାନର ଖଣିଜ ଗଦା ହୋଇ ପଡ଼ିଛି ।ଉକ୍ତ ସ୍ଥାନକୁ ତଦନ୍ତ ରେ ଯାଇଥିବା ଖଣି ବିଭାଗ ଅଧିକାରୀ ଦୀପକ କୁମାର ଧୁରୁଆ ସେ ସମୟରେ କହିଥିଲେ ଯେ,ଏହି ଜମା ହୋଇଥିବା ଖଣିଜ କୁ ସୁରକ୍ଷିତ ରଖିବା ପାଇଁ ପରିତ୍ୟକ୍ତ କ୍ରସର୍ ମାଲିକ ଙ୍କୁ କୁହାଯାଇ ସୁରକ୍ଷା କର୍ମୀ ନିୟୋଜିତ କରାଯିବ ।ସରକାର ଏହି ଲୁହାପଥର ର ରାଜସ୍ୱ ପୂର୍ବରୁ ପାଇ ସାରିଛନ୍ତି ।ତେବେ ଖଣି ବିଭାଗ ର ଆକଳନ ରେ ଏଠାରେ ପ୍ରାୟ ୪ହଜାର ରୁ ୫ ହଜାର ମେଟ୍ରିକ୍ ଟନ୍ ଲୁହାପଥର ଥିବା ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହୁଥିବା ବେଳେ ପ୍ରକୃତପକ୍ଷେ କ୍ରସର୍ ବନ୍ଦ ହେବା ବେଳେ ଏଥିରେ ଖଣିଜ ର କ୍ଲୋଜିଂ ବାଲୟନ୍ସ କେତେ ଥିଲା ,ତାହା ତଦନ୍ତ ସାପେକ୍ଷ ।ଖଣିଜ ଚୋର ମାନେ ଖଣିଜ ର ଏହି ଗଦା କୁ ପ୍ରାୟତଃ ପଦା କରି ଦେଲେଣି ।ତଥାପି ଖଣି ବିଭାଗ ପକ୍ଷରୁ କେବଳ କ୍ରସର୍ ମାଲିକ କୁ ଚିଠି ଦିଆ ଯାଇ ନିଜର କର୍ତ୍ତବ୍ୟ ସମ୍ପନ୍ନ କରି ଦେଉଚି ।ସୁରକ୍ଷା କର୍ମୀ ନ ଥିବାରୁ ପ୍ରତିଦିନ ଏହି ପରିତ୍ୟକ୍ତ କ୍ରସର ଗଦା ରି ଅନବରତ ରାତିରେ ଗାଡ଼ି ଲଗାଇ ଖଣିଜ ଚୋର ମାନେ ଚୋରୀ କରି ନେଉଛନ୍ତି ।ପୋଲିସ ଗାଡ଼ି ଧରୁଥିବା ବେଳେ ଖଣି ବିଭାଗ ଥାଇ ମଧ୍ୟ ଅଲୋଡ଼ା ସାଜିଛି ।ତେବେ ଏହି ଖଣିଜ ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗ କୁ ଚୋରା ଚାଲାଣ ହେଉଥିବା ଜଣାପଡିଛି ।

## ସରପଞ୍ଚ ସଂଘ ପକ୍ଷରୁ ତହସିଲଦାର ଓ ବିଡ଼ିଓଙ୍କୁ ସମ୍ବର୍ଦ୍ଧନା



କୋକସରା, (ମହାଭାରତ): ନୂତନ ଭାବେ ଯୋଗଦେଇଥିବା କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କୁ ବୁଧବାର ବ୍ଲକ ସରପ□ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ତଥା ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କ ନେତୃତ୍ୱରେ ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ବରାଡଙ୍ଗା ସରପଞ୍ଚ ନିରୁପମା ସେଠୀ, କନ୍ଦାବୁଟୁରା ସରପ□ କୁରୁକ୍ଷେତ୍ର ବେହେରା, ଗମ୍ଭାରୀଗୁଡା ସରପଞ୍ଚ ଇଶ୍ୱରାମ ସୁନାନୀ, କାଉଡୋଲା ସରପଞ୍ଚ ଦେବୀ ସିଂ ତାଣ୍ଡି ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଏକତ୍ରିତ ହୋଇ ତହସିଲଦାର ନାଗଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ସଂଘ ପକ୍ଷରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଝୀଙ୍କୁ ମଧ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ସମୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମେତ ଲଡୁଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ କହ୍ନାଇ ଚରଣ ଦାସ, ରବିନାରାୟଣ ଦାସ, ପଙ୍କଜ ମୁଖ ଚୈାଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଶ୍ୱ ଉପଭକ୍ତା ଅଧିକାର ଦିବସ ପାଳନ

ଦେବଗଡ଼(ମହାଭାରତ) :ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଉପନିୟନ୍ତ୍ରକ, ବୈଧମାପ ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ଡେପୁଟି କଣ୍ଟ୍ରୋଲ ଲିଗାଲ ମେଟ୍ରୋଲଜି ଶ୍ରୀମତୀ ରଞ୍ଜନା ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାରପ୍ରାପ୍ତ ଜିଲ୍ଲା ଯୋଗାଣ ଅଧିକାରୀ କେଦାରନାଥ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକେ କୌଣସି ଜିନିଷ କିଣିବା ବେଳେ ମୂଲ୍ୟ ଓ ଏକ୍ସପାରି ତାରିଖକୁ ଧ୍ୟାନ ଦେବା । ଦୋକାନୀ ସଠିକ୍ ମୂଲ୍ୟରେ ଜିନିଷ ନ ଦେଲେ ଖାଉଟି ଅଦାଲତରେ ଆଶ୍ରୟ ନେବା ସହ ଆଇନଗତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସେକ୍ରେଟାରୀ ଏସ ଏ ଜି ସଂଯୁକ୍ତା ନାଏକ, ଇନ୍ସପେକ୍ଟର ଲିଗାଲ ମେଟ୍ରୋଲଜି ନରେନ୍ଦ୍ର ମୋହନ ସିଂ ଓ ଏ ସି ଏସ ଓ ସତ୍ୟବ୍ରତ ସେଠୀ ସ୍ଥାୟୀ ବିଶ୍ୱ ଅଧିକାର ଦିବସର ବିଷୟ ସ୍ଥାୟୀ ଜୀବନ ଯାପନ ପାଇଁ ଏକ ଯଥାର୍ଥ ପରିବ□ନ ଉପରେ ମତବ୍ୟକ୍ତ କରିଥିଲେ । ଏଥିରେ ଜିଲ୍ଲା ସ୍ତରୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୋଗାଣ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଟିକସ ଫାଙ୍କି ଥିବା ବେଆଇନ ଇଟା ଭାଟିରେ ବୁଲିଲା ବୁଲଡୋଜର ଭାଙ୍ଗିଲେ

ଆସିକା (ମହାଭାରତ): ଆସିକା ତଥା ଏହାର ଆଖ ପାଖ ଅ□ଳରେ ଗଢି ଉଠିଛି ଶହ ଶହ ବେଆଇନ ଇଟା ଭାଟି। ବାରମ୍ବାର ଆସିକା ତହସିଲ ପକ୍ଷରୁ ତାଗିତ ପରେ ମଧ୍ୟ ସମ୍ପୃକ୍ତ ଇଟା ଭାଟି ମାଲିକ ମାନେ ଚିରା ଚରିତ ଢଙ୍ଗରେ ଏହି ଇଟା ପକାଇ ଚାଲିଥିଲେ । ଆଜି ପୂର୍ବାହ୍ନ ସମୟ ରେ ଆସିକା ତହସିଲଦାର ସଂଗୀତା ସେନ, ଆସିକା ପୋଲିସ ଟିମର ଏ ଏସ ଆଇ ସୁଭାଶିଷ ସ୍ୱାଇଁ ଏବଂ ଅଗ୍ନିଶମ ବିଭାଗ ର ମିଳିତ ଭାବେ ଆଲିପୁର ଅଞ୍ଚଳର ୩ଟି ବେଆଇନ ଟିକସ ଫାଙ୍କି ଥିବା ଇଟା ଭାଟି ଉପରେ ଚଢ଼ାଉ




କରିଥିଲେ । ସେଠାରେ ମାଟି ତିଆରି ଇଟା କୁ ଭାଙ୍ଗିଥିଲେ ।ପରେ ସେମାନଙ୍କ ପକ୍ଷରୁ ଆସିକା ତହସିଲ ରେ ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ ଟଙ୍କା ଟିକସ ପୈଠ କରାଯାଇଥିବା ସୂଚନା ରହିଛି ।ଗଞ୍ଜାମ ଜିଲ୍ଲା ରେ ଖଲ୍ଲିକୋଟ ପରେ ଆସିକା ରେ ଦ୍ୱିତୀୟ ଥର ପାଇଁ ମାଟି ଇଟା ଭାଙ୍ଗିବା କାର୍ଯ୍ୟ ପ୍ରଶାସନ ହାତକୁ ନେଇଛି । ଚାଷ ଜମିରେ ଇଟା ଭାଟି କରି ଅଂଚଳ ରେ ପ୍ରଦୂଷଣ ବଢ଼ିବା, ତହସିଲ ନୋଟିସ କଲେ ମଧ୍ୟ ଜୋରିମାନା ନଦେବା, ଫଳରେ ଏଭଳି ପଦକ୍ଷେପ ନିଆଯାଇଛି । ଏଥି ସାହିତ ଚୋରା ରେ ଗଦା ଗଦା ବାଲି, ମାଟି ରଖିଥାନ୍ତି । ଏଥି ସହିତ ଅନେକ ଶ୍ରମିକ, ମହିଳା, ଶିଶୁ ମାନଙ୍କୁ କାମ ରେ ଲଗାଇଥିବା ଅଭିଯୋଗ ମଧ୍ୟ ଆସୁଛି । ହେଲେ ବିଳମ୍ବ ରେ ହେଉ ପଛେ ଆସିକା ତହସିଲଦାର ଙ୍କ ଏପରି କାର୍ଯ୍ୟ କୁ ପରିବେଶ ବିତ ମାନେ ପ୍ରଶଂସା କରିଛନ୍ତି । ଭଞ୍ଜନଗର ଉପଖଣ୍ଡ ର ଧରାକୋଟ ତହସିଲ ମଧ୍ୟ ରେ ଅନେକ ଇଟା ଭାଟି ଗଢି ଉଠୁଥିଲେ ମଧ୍ୟ ପ୍ରଶାସନ ନିଘୋଡ଼ ନିଦ୍ରାରେ ରହିଛି । ବର୍ଷକୁ ବର୍ଷ ଇଟା ଭାଟି ସଂଖ୍ୟା ଦ୍ରୁତ ଗତି ରେ ବଢୁଛି । ବେ ଆଇନ ଇଟା ଭାଟି ଉପରେ ପ୍ରଶାସନ ର କେବେ ଦୃଷ୍ଟି ପଡିବ ଦେଖିବାକୁ ରହିଲା । ଆଜିର ଏହି ଚଢ଼ାଉ ବେଳେ ଆସିକା ତହସିଲର ନାଜିର ଜ୍ଞାନ ରଞ୍ଜନ ମହାନ୍ତି, ସୁପରଭାଇଜର ସୁନୀଲ ମହାରଣା, ରାଜସ୍ୱ ଅଧିକାରୀ ପ୍ରଫୁଲ ଭୂୟାଁ, ପ୍ରମୁଖ ଉପସ୍ଥିତ ରହିଥିଲେ।

# ପିଇବା ପାଣି ସମସ୍ୟା ନେଇ ଗୋରା ଡେକଚି ଧରି ବ୍ଲକ ବାରଣ୍ଡାରେ ବସିଲେ ମହିଳା

## ଗାଁରେ ପହଞ୍ଚି ସ୍ଥିତି ପରଖିଲେ ବିଡ଼ିଓ

କରଞ୍ଜିଆ,(ମହାଭାରତ) ରାଜ୍ୟ ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ସଛ ଓ ନିର୍ମଳ ପାଣି ଯୋଗାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଓଭର ହେଡ ଟାଙ୍କି ବସେଇଛନ୍ତି । ତାହା ଏବେ କାମରେ ଲାଗୁନଥିବା ଦେଖିବାକୁ ମିଳୁଛି। ଗୋଟେ ପଟେ ଲୋକ ପିଇବା ପାଣି ପାଉଥିବା ବେଳେ ଅନ୍ୟପଟେ ଲୋକେ ପିଇବା ପାଣି ଚାଷ କାମ ରେ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି । ଏହିପରି ଅଭିଯୋଗ ନେଇ ଆଜି ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ଗ୍ରାମପଞ୍ଚାୟତ ବାଙ୍କୀସାମିଲ ଗମହାରୀୟା ଗ୍ରାମ ହୋ ର ମହିଳା ମାନେ ଗୋରା ଡେକଚି ଧରି ବ୍ଲକ ବାରଣ୍ଡା ରେ ବସିଥିଲେ । ମହିଳା ଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମ ରେ ୪୦ ପରିବାରକୁ ୨୨୩ ଲୋକ ରହୁଛନ୍ତି । ଗ୍ରାମ ରେ ଦୁଇଟି ନଳକୂପ ଥିଲେ ବି ଗୋଟିଏ ରେ ନାଳିଆ ପାଣି ଓ ଅନ୍ୟଟିରେ ଜିଆ ମିସା ପାଣି ବାହାରୁଛି । ୬ମାସ ହେଲା କାମ ସମ୍ପୂର୍ଣ୍ଣ ହେବା ପରେ ଗ୍ରାମ ରେ ପାଇପ ପାଣି ଛାଡି ଥିଲେ ହେଲେ ତିନି ମାସ ପରେ ହୋ ସାହି ରେ ପାଣି ପହଞ୍ଚି ନ ଥିଲା । ଉପର ସାହି ଲୋକେ ପିଇବା ପାଣି ରେ ଚାଷ କରୁଥିବା ବେଳେ ତଳ ସାହି ଲୋକେ ପିଇବା ପାଣି ପାଉ ନାହାଁନ୍ତି । ଏନେଇ ସ୍ଥାନୀୟ ସରପ□ ଓ ବିଭାଗୀୟ ଯନ୍ତ୍ରୀ ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରି ନଥିଲା । ତେଣୁ ଅଜି ଗୋରା ଡେକଚି ରେ ନଳକୂପ ର ନାଳିଆ ଓ ଜିଆ ମିଶା ନାଳିଆ ପାଣି ଆଣି ବିଡ଼ିଓ ସ୍ୱପନେଶ୍ୱର ବେହେରା ଙ୍କୁ



ଦେଖାଇଥିଲେ । ବିଡ଼ିଓ ବେହେରା ୪ ପରେ ଗାଁ ରେ ପହଞ୍ଚି ସ୍ଥିତି ପରଖି ବି କହି ମହିଳା ମାନଙ୍କୁ ଫେରାଇ ଥିଲେ । ଅପରାହ୍ନ ୪ ସମୟ ରେ ବିଡ଼ିଓ ବେହେରା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସରପ□ ପ୍ରତିନିଧି ଶ୍ରୀକାନ୍ତ ଗୁମୁଲିଆ ପିଇଓ ଆକାଶ ବେହେରା ଗ୍ରାମ ରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଦେଖିବାକୁ ମିଳିଥିଲା ଅନେକ ପାଇପ ପାଣି ଚାଷ କାମ ରେ ଲାଗିଥିଲା । ଚାଷ କାମ ରେ ବ୍ୟବହାର ହେଉଥିବା ପାଇପ ପାଣି କୁ ସଙ୍ଗେ ସଙ୍ଗେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଚାଷ କାମ ପାଇଁ ଯାଇଥିବା ପାଣି ପାଇପ ବନ୍ଦ ପରେ ହୋ ସାହି ରେ ପାଣି ପହଞ୍ଚି ଥିଲା କ୍ଷ ଆସନ୍ତା କାଲି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ମଚାରୀ ଗାଁ କୁ ଯାଇ ଚାଷ ଜମି ରେ ସଂଯୁକ୍ତ ହୋଇଥିବା ସମସ୍ତ କନେକ୍ସନ୍ କାଟିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଡ଼ିଓ ବେହେରା ।

## ସଇଁତଲାକୁ ଏନଏସି ମାନ୍ୟତା ପାଇଁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦାବୀପତ୍ର



ଟିଟିଲାଗଡ (ମହାଭାରତ) - ବଲାଙ୍ଗୀର ଜିଲ୍ଲା ସଇଁନ୍ତଳା ବ୍ଲକ ସଇଁତଲା, ଡ଼େଙ୍ଗ ଓ ବିବିନା ପଞ୍ଚାୟତ କିଛି ଅଞ୍ଚଳ କୁ ନେଇ ଏନଏସି ଗଠନ କରିବା ପାଇଁ ଦୀର୍ଘ ଦିନରୁ ଦାବୀ ହୋଇଆସୁଅଛି । ଗତ କିଛିଦିନ ତଳେ ସଇଁନ୍ତଲା ସରପଞ୍ଚ ସୁବ୍ରତ ନାଗ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଦେଖା କରି ସଇଁତଲାକୁ ଏନଏସି ଗଠନ କରିବାକୁ ଦାବୀପତ୍ର ପ୍ରଦାନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ଦାବୀପତ୍ରକୁ ଗୁରୁତ୍ୱର ସହ ନେଇ ସଇଁତଲାକୁ ଏନଏସି କରାଯିବ ବୋଲି ପ୍ରତିଶୃତି ଦେଇଥିବା ସରପ□ ଶ୍ରୀ ନାଗଙ୍କ ସୂତ୍ରରୁ ପ୍ରକାଶ । ଅନ୍ୟ ପକ୍ଷରେ ସଇଁତଲା, ବିବିନା ଓ ଡ଼େଙ୍ଗ ତିନିଗୋଟି ପଞ୍ଚାୟତ ର ଲୋକଙ୍କୁ ନେଇ ଏନଏସି କରିବାକୁ ପୂର୍ବରୁ ପ୍ରଶାସନ ପ୍ରସ୍ତୁତି ଚଳାଇଥଲା । କିନ୍ତୁ ଡ଼େଙ୍ଗ ଗ୍ରାମବାସୀଙ୍କ ଅଗୋଚରରେ ଡେଙ୍ଗ ସରପ□ ଇତିଶ୍ରୀ ସାହୁ ଙ୍କ ସହ ଗ୍ରାମବାସୀଙ୍କ ଏଥିପାଇଁ ପୂର୍ଣ ସହମତି ରହିଥିବା ଏକ ପତ୍ର ପ୍ରଶାସନ ନିକଟରେ ପ୍ରଦାନ କରିଥିଲେ । ଡ଼େଙ୍ଗ ଗ୍ରାମବାସୀ ଘଟଣା ବିଷୟରେ ଜାଣିବାପରେ ଗ୍ରାମରେ ଏକ ସଭା କରି ସଇଁତଲ। ଏନଏସିରୁ ଡ଼େଙ୍ଗ ଗ୍ରାମକୁ ବାଦ ଦେବାକୁ ପ୍ରଶାସନ ନିକଟରେ ଦାବୀ କରିବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଥିଲେ । ବିଡ଼ିଓ ଗ୍ରାମବାସୀଙ୍କ ଅନୁରୋଧକୁ ରକ୍ଷା କରିବା ସହ ସଇଁତଲା ଏସଏସିରୁ ଡ଼େଙ୍ଗ ଗ୍ରାମକୁ ବାଦ ଦେବାପାଇଁ ଏକ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଡ଼େଙ୍ଗ ଗ୍ରାମକୁ ବାଦ ଦେବାପରେ ବର୍ତ୍ତମାନ ଦେଖିବା ବାକି ରହିଲା ଯେ ସଇଁତଲୟ ଏନଏସି ଗଠନ ହୋଇପାରୁଛି ନା ନାହିଁ।

## ମହିଳା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର



ବାଣପୁର : ( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ତ୍ରୟୋଦଶ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ଚଳିତ ମାସ ୦୭ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଆଠଦିନ ଧରି ଚାଲିଥିବା ମହିଳା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିରର ଆଜି ଉଦ୍ୟାପନ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବିନାୟକ ହୋତା ଛାତ୍ରୀମାନଙ୍କୁଓଡ଼ିଶା ସରକାର ତଥା ଉଚ୍ଚ ଶିକ୍ଷାବିଭାଗର ଏହି ଭଳି ଛାତ୍ରୀମାନଙ୍କର ସର୍ବାଙ୍ଗ ବିକାଶ ନିମି□ ପଦକ୍ଷେପ ସ୍ୱାଗତଯୋଗ୍ୟ ଓ ଫଳପ୍ରଦ ବୋଲି ନିଜର ମତପ୍ରକାଶ କରିବା ସହ ଆତ୍ମରକ୍ଷା ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ବର୍ଣ୍ଣନା କରାଇଛନ୍ତି । ସୂଚନାଯୋଗ୍ୟ ଯେ,ଦୀର୍ଘ ଆଠଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦେବାର ଦାୟିତ୍ୱ ବହନ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନି ମୁଦୁଲି ଏବଂ ଜି.ସାବିତ୍ରୀ ଆଚାରୀ ଏତଦ୍ ବ୍ୟତୀତ କାର୍ଯ୍ୟକ୍ରମର ସଂଯୋଜିକା ରୂପେ କାର୍ଯ୍ୟ କରିଥିବା ଇଂରାଜୀ ବିଭାଗର ଅଧ୍ୟାପିକା ମିକି ମନସ୍ୱିନୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରାଇଛନ୍ତି।

## ବିସିପଡା ପଞ୍ଚାୟତରେ ଗୋଷ୍ଠି ସ୍ତରୀୟ ସ୍ୱାସ୍ଥ୍ୟ ଶିବିର

କନ୍ଧମାଳ :(ମହାଭାରତ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟସମିତି, କନ୍ଧମାଳ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତ ର ମିଳିତ ସହଯୋଗରେ ଏକ ଗୋଷ୍ଠି ସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଓ ରକ୍ତ ପରିକ୍ଷା କାର୍ଯ୍ୟକ୍ରମ ସ୍ଥାନୀୟ ବିଶିପଡା ଗ୍ରାମ ପଞ୍ଚାୟତ ସ୍ଥିତ ରାଜିବଗାନ୍ଧୀ ସେବା କେନ୍ଦ୍ର କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନ ମାଧ୍ୟମରେ ଜିଲ୍ଲା ରେ ଚାଲିଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ଦ୍ୱାରା କନ୍ଧମାଳ ଜିଲ୍ଲା ର କୋଣ ଅନୁକୋଣ ରେ ଥିବା ଏଚ୍.ଆ.ଇ.ଭି. ସଂକ୍ରମିତ ମାନଙ୍କୁ ଚିହ୍ନଟ କରିବା ପାଇଁ ଗୋଷ୍ଠି ସ୍ତରରେ ସ୍ୱାସ୍ଥ୍ୟ ଶିବିର ସହିତ ସାମୁହିକ ରକ୍ତ ପରିକ୍ଷା କରାଯାଉଛି । ବିସିପଡା ସରପଞ୍ଚ ସାକାଲି କହଁର ଙ୍କ ସହଯୋଗରେ ଓ ନ୍ୟାଏବ ସରପ□ ସଂଜିବ କୁମାର ଦିଗାଲ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଏହି ଶିବିର ରେ ସାଧାରଣ ରୋଗି ଙ୍କର ଚିକିତ୍ସା ସହିତ ତିନି ପ୍ରକାର ଯଥା- ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଓ ଏଚ୍.ଆ.ଇ.ଭି. ପାଇଁ ନମୁନା




ସଂଗ୍ରହ କରି ପରିକ୍ଷା କରାଯାଇଥିଲା । ଏହାର ମୁଖ୍ୟ ଲକ୍ଷ ଥିଲା କି ରାଜ୍ୟ ଓ ଜିଲ୍ଲାରେ ଅନୁମାନ କରାଯାଇଥିବା ଏଚ୍.ଆ.ଇ.ଭି. ସଂକ୍ରମିତ ଙ୍କ ମଧ୍ୟରୁ ୯୫ ପ୍ରତିସତ ଙ୍କୁ ଚିହ୍ନଟ କରି ସେଥିମଧ୍ୟ ରୁ ୯୫ ପ୍ରତିସତ ଙ୍କୁ ଏ.ଆର୍.ଟି. ଔଷଧ ଯୋଗାଇଦେବା ଏବଂ ତନ୍ମଧ୍ୟରୁ ୯୫ ପ୍ରତିସତ ସଂକ୍ରମିତ ଙ୍କର ଭାଇରାଲ୍ଲୋଡ୍ କୁ କମାଇବା । ଏହି ଶିବିରରେ ଡାକ୍ତର ଅବିନାଶ ଶଙ୍କର ଓ ଡାକ୍ତର ବିଶ୍ୱରଞ୍ଜନ ଦାସ ଯୋଗଦେଇ ରୋଗିମାନଙ୍କର ଚିକିତ୍ସା କରିଥିବା ବେଳେ ଫାର୍ମାସିଷ୍ଟ ଦେବି ପ୍ରସାଦ ସାହୁ ଙ୍କ ସହଯୋଗରେ ମୋଟ ଭାବରେ ୭୦ ଜଣ ଙ୍କୁ ମାଗଣା ଔଷଦ ବଂଟନ କରାଯାଇଥିଲା ।ତତ୍ସହିତ ୬୦ ଜଣ ଙ୍କ ର ରକ୍ତ ନମୁନା ସଂଗ୍ରହ ହୋଇଥିବା ବେଳେ ଜିଲ୍ଲା ଏଚ୍.ଆଇ,ଭି/ଏ.ଡ୍.ସ୍. ସୁପରଭାଇଜର୍ ଦେବାଶିଷ ମିଶ୍ର ଓ ପରାମର୍ଶ ଦାତା ଗୋବିନ୍ଦ ଚନ୍ଦ୍ର ଜେନା ଯୋଗଦେଇ ରକ୍ତ ନମୁନା ସଂଗୃହିତ ହେଉଥିବା ବ୍ୟକ୍ତି ମାନଙ୍କୁ ପରାମର୍ଶ ଦେବା ସହ ଚିହ୍ନିତ ହେଉଥିବା ସଂକ୍ରମିତ ବ୍ୟକ୍ତି ଙ୍କୁ ବୁଝାଇଥିଲେ । ଅନୁଷ୍ଠାନ ତରଫରୁ ଲକ୍ଷ୍ୟଭେଦୀ ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କର ଏହି ଶିବିରରେ ରେ ଉପସ୍ଥିତ ରହି ଜାତିୟ ଏ.ଡ୍.ସ୍. ନିୟନ୍ତ୍ରଣ ସଂସ୍ଥା ଙ୍କ ଦ୍ୱାରା କାର୍ଯ୍ୟକାରି ହେଉଥିବା ପ୍ରକଳ୍ପ ରେ କିପରି ଅଧିକ ରୁ ଅଧିକ ଜନସାଧାରଣ ଙ୍କୁ ସଚେତନତା ବାର୍ତା ଦିଆଯାଇ ପାରିବ ତାହା ଚେଷ୍ଟା କରିଥିଲେ । ଶିବିର ଟିକୁ ଲେବୋ୍ରଟୋରି ଟେକ୍ନିସିଆନ୍ ଚନ୍ଦନ ଚର୍ଚିତ ମିଶ୍ର ଓ ବିଷ୍ଣୁପ୍ରିୟା ମଲ୍ଲିକ ନମୁନା ସଂଗ୍ରହରେ ସହଯୋକ କରିଥିବା ବେଳେ ଅନୁଷ୍ଠାନ ତରଫରୁ ପରାମର୍ଶ ଦାତ୍ରୀ ସ୍ନେହଲତା ନାୟକ ଓ ଆଉଟ୍ ରିଚ୍ କର୍ମୀ ସୀତା ରଣା ଏହିସବୁ ପରିକ୍ଷା କରାଇବାରେ ସହଯୋଗ କରିଥିଲେ । ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ର କର୍ମୀ ଯୋତିରଞ୍ଜନ ପ୍ରଧାନ ଓ ରାଜେସ ବିନ୍ଧାଣି ଶିବିର ଆୟୋଜନ ରେ ସହଯୋଗ କରିଥିଲେ । ଯଦି ସରାକାର ଙ୍କ ଦ୍ୱାରା ଆୟୋଜିତ ଏହି ଚିହ୍ନଟିକରଣ ପ୍ରକ୍ରିୟା ରେ ଅଧିକରୁ ଅଧିକ ବ୍ୟକ୍ତି ଯୋଡି ନହେବେ ତେବେ ଜାତୀୟ ଏ.ଡ୍.ସ୍. ନିୟନ୍ତ୍ରଣ କାର୍ଯ୍ୟକ୍ରମ ର ଲକ୍ଷ୍ୟ ହାସଲ କରିବା ସମ୍ଭବ ହେବ ନାହିଁ ବୋଲି ଅନୁଷ୍ଠାନ ର ସମ୍ପାଦକ ହରି ଶଙ୍କର ରାଉତ ମତ ବ୍ୟକ୍ତ କରିଛନ୍ତି ।

## ପାଟଣା ବନାଞ୍ଚଳ ପକ୍ଷରୁ ନିଆଁ ନିୟନ୍ତ୍ରଣ ସଚେତନତା ଶିବିର



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ସ୍ତରୀୟ ନିଆଁ ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଥିଲା। କାର୍ଯ୍ୟକ୍ରମ ରେ ଜିଲ୍ଲା ବନାଞ୍ଚଳ ଅଧିକାରୀ କେ.ନାଗାରାଜୁ ଯୋଗଦାନ କରି ପାଟଣା ବନାଞ୍ଚଳ ବନପାଳ ଅନ୍ତର୍ଗତ କୌଣସି ବିଟ୍ ସ୍ଥିତ ଜଙ୍ଗଲ ସ୍ଥାନରେ ନିଆଁ କୁ କିପରି ନିୟନ୍ତ୍ରଣ କରାଯିବ ପରାମର୍ଶ ଦେଇ ଛନ୍ତି। ଏହି ଏହି ପେରିପେକ୍ଷୀ ପାଟଣା ବିଧାୟକ ପ୍ରତିନିଧି କୃଷ୍ଣ ଚନ୍ଦ୍ର ମହାନ୍ତ, ପାଟଣା ଅଗ୍ନିଶମ ବିଭାଗ ଅଧିକାରୀ ଗୌର ମୋହିନ ହେମ୍ବ୍ରମ, କୃଷି ଅଧିକାରୀ ବର୍ଷା ବୈଶାଳୀ, ପାଟଣା ବ୍ଲକ ଜିପିଓ ରଶ୍ମି ରେଖା ମହାନ୍ତି,ସାହାରପଡ଼ା ବ୍ଲକ ଜିପିଓ ଅନ୍ତର୍ଜାମି ସେଠୀ,ବରିଷ୍ଠ ସାମ୍ବାଦିକ ନୃସିନାଥ ସିଂ,୨୯ନଂ ଜିଲ୍ଲାପରିଷଦ ବୁଦ୍ଧଦେବ ମହାକୁଡ ଯୋଗଦାନ କରିଥିଲେୟ ଏହି ନିଆଁ ନିଆଁ ନିୟନ୍ତ୍ରଣ ଶିବିର ରେ ରାଜ୍ୟ ବନା□ଳ ପ୍ରଶିକ୍ଷକ ସୁବ୍ରତ ବିଶ୍ୱାଳ ଉପସ୍ଥିତି ପାଟଣା ଓ ସାହାରପଡା ସରପ□,ସମିତିସଭ୍ୟ ଏବଂ ଭି.ଏସ.ଏସ ସଦସ୍ୟ ମାନଙ୍କୁ ଜଙ୍ଗଲ ରେ ନିଆଁ ଲାଗିଲେ ନିଆଁ କୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ତା ଉପରେ ବିସ୍ତୃତ ଭାବରେ ଟିଭି ଛବି ମାଧ୍ୟମରେ ପରାମର୍ଶ ସହ ବୁଝାଇ ଥିଲେ।

## ନାଳ ସାଜିଛି କାଳ, ପୋଲ ନିର୍ମାଣ ପାଇଁ ଦାବି



କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଦାପଡ଼ା ପଞ୍ଚାୟତ ଠାରୁ ଗଦେଇପଦର ଦେଇ ରାଇଗୁଡ଼ା ସଂଯୋଗ ହେଇଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି। ଏହି ପୋଲ ଦେଇ ରାଇଗୁଡ଼ା,ବାଘପଦର,ବୃସିଂ ଓ ବାଟିମୁଣ୍ଡା ଲୋକ ପ୍ରତିଦିନ ନିର୍ଭର କରନ୍ତି। କିଛି ବର୍ଷ ପୂର୍ବେ ଏହି ପୋଲ ନିର୍ମାଣ କରାଯାଇଥିଲା। ଏବେ ଏହି ପୋଲ ସଂମ୍ପୁର୍ଣ୍ଣ ଭାଙ୍ଗିବାକୁ ହେଲାଣି, ଏହି ରାସ୍ତା ରେ ନାଳ ସାଜିଛି ବାଧକ, ବର୍ଷା ଦିନ ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ମାନେ ଯାତାୟାତ କରି ପାରୁନାହାନ୍ତି। ଯାହା ଫଳରେ ସ୍କୁଲ ଛାତ୍ରଛାତ୍ରୀ ମାନେ ବହୁତ ଅସୁବିଧା ରୁ ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବା ସହ ଏହି ନାଳ ରେ ନୂତନ ପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳ ବାସୀ ଲୁଇସିଂ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜେନା ଦିଗାଲ ସହିତ ବିଶ୍ୱନାଥ ଦିଗାଲ, ମାନସ ଚନ୍ଦ୍ର କହଁର, ମୋହନ ଦିଗାଲ, ନାଗାର୍ଜୁନ ଦିଗାଲ,ବିଜୟ ରଣା, ସନ୍ତୋଷ କହଁର ପ୍ରମୁଖ ଦାବି କରିଛନ୍ତି ।

## ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ବନ ସୁରକ୍ଷା ସମିତି କୁ ପ୍ରୋତ୍ସାହନ ସମାରୋହ

କରଞ୍ଜିଆ,(ମହାଭାରତ) କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନବିଭାଗ ପକ୍ଷରୁ ଆଜି ବନ ସୁରକ୍ଷା ସମିତି କୁ ପ୍ରୋତ୍ସାହନ ରାଶି ସମାରୋହ ସହକାରୀ ବନ ସଂରକ୍ଷକ ପ୍ରଭାତ କୁମାର କୁଅଁର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ଯୋଗଦେଇ ଥିଲାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଠାକୁରମୁଣ୍ଡା ବନା□ଳରେ ଗତବର୍ଷ ଅଗ୍ନି ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବନ ସୁରକ୍ଷା ସମିତି ଓ କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶି ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଓଡିଶା ବନା□ଳ ଉନ୍ନୟନ ପ୍ରକଳ୍ପ -ଭାଗ ୨ ଅଧୀନରେ କରଞ୍ଜିଆ ବନଖଣ୍ଡର ଠାକୁରମୁଣ୍ଡା ବନା□ଳରେ ୧୮ ଟି ବନ ସୁରକ୍ଷା ସମିତି କାର୍ଯ୍ୟକାରୀ ହେଉଛି।

# ମତଦାନ ସମ୍ପର୍କିତ ତଥ୍ୟ ଆସିବାରେ ଆଉ ହେବ ନାହିଁ ବିଳମ୍ବ

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ନିର୍ବାଚନ ସମୟରେ ଭୋଟ ପ୍ରତିଶତର ଚୂଡ଼ାନ୍ତ ତଥ୍ୟ ପ୍ରକାଶନରେ ବିଳମ୍ବକୁ ନେଇ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଉଠାଯାଉଥିବା ପ୍ରଶ୍ନର ସମାଧାନ ପାଇଁ ନିର୍ବାଚନ କମିଶନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଯେଉଁଥିରେ କୌଣସି ମତଦାନ କେନ୍ଦ୍ରରେ ସର୍ବାଧିକ ଭୋଟରଙ୍କ ସଂଖ୍ୟା ଆଉ ୧୨୦୦ରୁ ଅଧିକ ରହିବ ନାହିଁ । କମିଶନ ସମସ୍ତ ରାଜ୍ୟକୁ ଏପରି ମତଦାନ କେନ୍ଦ୍ର ଚିହ୍ନଟ କରିବାକୁ ଏବଂ ଭୋଟରଙ୍କ ସଂଖ୍ୟା ସର୍ବାଧିକ ୧୨୦୦ ମଧ୍ୟରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନଙ୍କର ବିଶ୍ୱାସ ରହିଛି ଯେ, ଏହି ପ୍ରକ୍ରିୟା ଦ୍ୱାରା ସମସ୍ତ ମତଦାନ କେନ୍ଦ୍ରରେ ନିର୍ଦ୍ଧାରିତ ସମୟ ମଧ୍ୟରେ ମତଦାନ ଶେଷ ହେବ ଏବଂ ସମସ୍ତଙ୍କ ତଥ୍ୟ ଠିକ୍ ସମୟରେ ଉପଲବ୍ଧ ହେବ। ଯଦି କମିଶନଙ୍କ ସହ ଜଡିତ ଉଚ୍ଚପଦସ୍ଥ ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଏହାକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯିବ । ଯାହା ଦ୍ୱାରା ନିର୍ବାଚନ ସମୟରେ ଭୋଟ ପ୍ରତିଶତ ସଂଖ୍ୟା ସମ୍ପର୍କରେ କୌଣସି ସନ୍ଦେହ ସୃଷ୍ଟି ହେବନାହିଁ । କମିଶନଙ୍କ ଅନୁଯାୟୀ, ବର୍ତ୍ତମାନ ଦେଶରେ ଏପରି ବହୁ ସଂଖ୍ୟକ ମତଦାନ କେନ୍ଦ୍ର ଅଛି ଯେଉଁଠାରେ ଭୋଟରଙ୍କ ସଂଖ୍ୟା ୧୫ ଶହ କିମ୍ବା




ତା'ଠାରୁ ଅଧିକ ରହୁଛି । ଏପରି ପରିସ୍ଥିତିରେ, ଏହି ମତଦାନ କେନ୍ଦ୍ରଗୁଡ଼ିକରେ ନିର୍ଦ୍ଧାରିତ ସମୟ ମଧ୍ୟରେ ମତଦାନ ଶେଷ ହୋଇପାରୁ ନାହିଁ ବା ହୋଇପାରିବ ନାହିଁ । ସମୟ ଶେଷ ହେବା ପରେ ମଧ୍ୟ, ଏପରି ମତଦାନ କେନ୍ଦ୍ରଗୁଡ଼ିକରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି । ଏବେ କମିଶନଙ୍କ ଏହି ପଦକ୍ଷେପ ସହିତ ଏହି ସମସ୍ୟାର ଅନ୍ତ ହେବ । ଏଥି ସହିତ, ଭୋଟରମାନଙ୍କୁ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡ଼ିବ ନାହିଁ ।

ବର୍ତ୍ତମାନ ଦେଶରେ ୧୦.୫ ଲକ୍ଷରୁ ଅଧିକ ମତଦାନ କେନ୍ଦ୍ର ଅଛି । କମିଶନଙ୍କ ଏହି ପଦକ୍ଷେପ ପରେ, ଆଗାମୀ ସମୟରେ ଦେଶରେ ମତଦାନ କେନ୍ଦ୍ର ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । କମିଶନଙ୍କ ଅନୁଯାୟୀ, ବର୍ତ୍ତମାନ ଅନୁଷ୍ଠିତ ସମସ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଏକ ସମ୍ମିଳନୀରେ, ଭୋଟ ପ୍ରତିଶତର ଚୂଡ଼ାନ୍ତ ସଂଖ୍ୟା ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଉଠାଯାଉଥିବା ପ୍ରଶ୍ନ ଉପରେ ଏକ ଦୀର୍ଘ ଆଲୋଚନା ହୋଇଥିଲା । ଏହା ପଛରେ ଥିବା କାରଣକୁ ମଧ୍ୟ ବୁଝାଗଲା । କମିଶନଙ୍କ ସହ ଜଡ଼ିତ ଅଧିକାରୀଙ୍କ ଅନୁଯାୟୀ, ରାଜ୍ୟଗୁଡ଼ିକ ମତଦାନ କେନ୍ଦ୍ରରେ ଭୋଟରଙ୍କ ସଂଖ୍ୟା ବୃଦ୍ଧିକୁ ଏହାର କାରଣ ବୋଲି କହିଛନ୍ତି । ଏହା ପରେ ହିଁ କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଲୋକସଭା ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ଏହାକୁ ନେଇ ସର୍ବାଧିକ ପ୍ରଶ୍ନ ଉଠାଇଥିଲେ । ଯେଉଁଥିରେ ଭୋଟିଂ ଶେଷ ଏବଂ ଚୂଡ଼ାନ୍ତ ଭୋଟିଂ ସଂଖ୍ୟା ମଧ୍ୟରେ ବିରାଟ ପାର୍ଥକ୍ୟକୁ ନେଇ ସନ୍ଦେହ ପ୍ରକାଶ କରାଯାଇଥିଲା । ଏହା ବିଷୟରେ କମିଶନଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ ।

# ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଗ୍ରାହକ ଆଶ୍ୱସ୍ତ

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କରେ ୨୧୦୦ କୋଟି ଟଙ୍କାର ଆକାଉଣ୍ଟିଂ ତ୍ରୁଟି ଧରାପଡ଼ିବା ପରେ ବ୍ୟାଙ୍କର ସ୍ଥିତିକୁ ନେଇ ଗ୍ରାହକମାନଙ୍କ ମନରେ ସୃଷ୍ଟି ହୋଇଥିବା ଭୟ ଦୂର କରିବା ଲାଗି ରିଜର୍ଭ ବ୍ୟାଙ୍କ ବିବୃତ୍ତି ଜାରି କରିଛି । ବ୍ୟାଙ୍କ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ରହିଛି । ଏହା ବେଶ୍ ସ୍ଥିର। ବ୍ୟାଙ୍କକୁ ନେଇ ହେଉଥିବା ଆଲୋଚନା ଉପରେ ଧ୍ୟାନ ନ ଦେବାକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜମାକାରୀମାନଙ୍କୁ କୁହାଯାଇଛି । ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବା ରିଜର୍ଭ ବ୍ୟାଙ୍କ କହିଛି । ଗତ ସୋମବାର ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଏହି ଆକାଉଣ୍ଟିଂ ଜାଲିଆତି ସମ୍ପର୍କରେ ସୂଚନା ଦେଇଥିଲା । ତାହାର ପ୍ରଭାବରେ ବ୍ୟାଙ୍କର ସେୟାର ମୂଲ୍ୟ ହ୍ରାସ ପାଇଥିଲା । ଏଥି ସହିତ ବ୍ୟାଙ୍କର ଭବିଷ୍ୟତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା । ଗ୍ରାହକଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବା ଲାଗି ରିଜର୍ଭ ବ୍ୟାଙ୍କ କହିଛି ଯେ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୬.୪୬ ପ୍ରତିଶତ, ପ୍ରୋଭିଜନ କଭରେଜ୍ ଅନୁପାତ ୭୦.୨୦ ପ୍ରତିଶତ ଏବଂ ୨୦୨୫ ମାର୍ଚ୍ଚ ୯ ସୁଦ୍ଧା ଲିକ୍ୱିଡିଟି କଭରେଜ୍ ରେସିସ




୧୧୩ ପ୍ରତିଶତ ଥିଲା । ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ମାନଦଣ୍ଡଠାରୁ ଏସବୁ ଉପରେ ରହିଛି । ତେବେ ଆକାଉଣ୍ଟିଂ ଜାଲିଆତିରୁ କେତେ କ୍ଷତି ହୋଇଛି ଏବଂ ବ୍ୟାଙ୍କ ବ୍ୟବସ୍ଥାର ସମୀକ୍ଷା କରିବା ଲାଗି ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଏକ ବାହ୍ୟ ଅଡିଟ୍ ଟିମ୍ ନିଯୁକ୍ତ କରିଛି। ଚଳିତ ତ୍ରୈମାସିକରେ ସମସ୍ତ ତ୍ରୁଟି ସୁଧାରିବା ଲାଗି ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କକୁ ରିଜର୍ଭ ବ୍ୟାଙ୍କ କହିଛନ୍ତି ।

# ମୋଦୀଙ୍କୁ ପ୍ରଶଂସା କଲେ ଥରୁର

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ରୁଷ ଏବଂ ୟୁକ୍ରେନ ମଧ୍ୟରେ ୨୦୨୨ରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ ଏବେ ବି ଜାରି ରହିଛି । ଯେବେ ସାରା ଦୁନିଆରେ ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଲା, ସେହି ସମୟରେ କଂଗ୍ରେସ ନେତା ଶଶି ଥରୁର ଭାରତର ଆଭିମୁଖ୍ୟକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ବର୍ତ୍ତମାନ ତିନି ବର୍ଷ ପରେ ସେ ଏହି କଥାକୁ ନେଇ ଅନୁତାପ କରିଛନ୍ତି ।୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରେ ଶଶି ଥରୁର ଭାରତ ସରକାରଙ୍କ ଅଭିମୁଖ୍ୟର ସବୁଠାରୁ ବଡ଼ ପ୍ରଶଂସକ ଥିଲେ । ସେହି ସମୟରେ ସେ ସଂସଦରେ କହିଥିଲେ ଯେ, ଭାରତର ରୁଷ-ୟୁକ୍ରେନ ଯୁଦ୍ଧରେ ଅଚାନକ ଚୁପ ହେବା ୟୁକ୍ରେନ ଏବଂ ତାର ସମର୍ଥକଙ୍କ ପାଇଁ ନିରାଶଜନକ ହେବ । ସରକାର ଚୁପ ରହିବାର ଅଭିଯୋଗ ଲଗାଇ କହିଥିଲେ ଯେ, ରୁଷ ଆମ ସାଥୀ ଏବଂ ତାର ସୁରକ୍ଷା ପାଇଁ ଚିନ୍ତା ହେବା ଆବଶ୍ୟକ । ହେଲେ ଭାରତର ଅଚାନକ ଏହି ମାମଲାରେ ଚୁପ ହେବା ୟୁକ୍ରେନ ଏବଂ ତାର ସମର୍ଥକଙ୍କୁ ନିରାଶ କରିବ । aisina Dialoguର ୨୦୨୫ ରେ ଶଶି ଥରୁରଙ୍କୁ ପଚରାଯାଇଥିଲା ଯେ, ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ଥିତିକୁ ଦୃଷ୍ଟିରେ ରଖି ସେ ଖୁସି ଯେ ଭାରତ ଗ୍ରହଣ କରିଥିବା ଆଭିମୁଖ୍ୟ ଠିକ୍ ଥିଲା ? ଏହି ପ୍ରଶ୍ନର ଉତ୍ତର ଦେଇ ଶଶି ଥରୁର ସ୍ୱୀକାର କରିଛନ୍ତି ଯେ, ତିନି ବର୍ଷ ପରେ ସେ



ନିଜର ବିବୃତ୍ତି ପାଇଁ ଅନୁତାପ କରୁଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନ ମୁଁ ଦୁଃଖିତ, ସେତେବେଳେ ଗ୍ରହଣ କରିଥିବା ନିଷ୍ପତ୍ତି ଠିକ୍ ନୁହେଁ । ଶଶି ଥରୁର କହିଛନ୍ତି, 'ମୁଁ ଲଜ୍ଜିତ ଅନୁଭବ କରୁଛି । ଫେବୃଆରୀ ୨୦୨୨ ରେ ସଂସଦୀୟ ବିତର୍କରେ ମୁଁ ଏକମାତ୍ର ବ୍ୟକ୍ତି ଯିଏ ଭାରତର ଆଭିମୁଖ୍ୟକୁ ସମାଲୋଚନା କରିଥିଲା । ମୁଁ କହିଥିଲି, ଏହା ମିଳିତ ଜାତିସଂଘର ଚାର୍ଟରର ଉଲ୍ଲଂଘନ । ସୀମାର ଅଖଣ୍ଡତା ଏବଂ ଗୋଟିଏ ସଦସ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱର ନୀତି ଉଲ୍ଲଂଘନ କରାଯାଇଛି । ଆନ୍ତର୍ଜାତୀୟ ବିବାଦର ସମାଧାନ ପାଇଁ ଆମେ ସର୍ବଦା ବଳର ବ୍ୟବହାରକୁ ଗ୍ରହଣୀୟ ନୁହେଁ ବୋଲି ବିବେଚନା କରିଛୁ । ମୁଁ କହିଥିଲି ଯେ, ଏହି ସବୁ ନୀତି ଗୋଟିଏ ଦଳ ଦ୍ୱାରା ଉଲ୍ଲଂଘନ ହୋଇଛି ଏବଂ ଆମେ ଏହାକୁ ନିନ୍ଦା କରିବା ଉଚିତ । ଶଶି ଥରୁର ଆହୁରି ସ୍ୱୀକାର କରିଛନ୍ତି, 'ତିନି ବର୍ଷ ପରେ ଲାଗୁଛି ଯେ, ମୁଁ ମୂର୍ଖ ହୋଇଗଲି । ଖାଲି ସେତିକି ନୁହେଁ ଏହି ନୀତିର ଅର୍ଥ ହେଉଛି ଭାରତରେ ପ୍ରକୃତରେ ଜଣେ ପ୍ରଧାନମନ୍ତ୍ରୀ ଅଛନ୍ତି ଯିଏ ଦୁଇ ସପ୍ତାହ ମଧ୍ୟରେ ଉଭୟ ୟୁକ୍ରେନର ରାଷ୍ଟ୍ରପତି ଏବଂ ରୁଷର ରାଷ୍ଟ୍ରପତିଙ୍କୁ ଆଲିଙ୍ଗନ କରିପାରିବେ । ସେ ଦର୍ଶାଇଛନ୍ତି ଯେ ସେହି ନୀତି ହେତୁ ଭାରତ ଏପରି ସ୍ଥିତିରେ ଅଛି ଯେଉଁଠାରେ ସ୍ଥାୟୀ ଶାନ୍ତି ପାଇଁ ଏହାର ଭୂମିକା ଗ୍ରହଣ କରିପାରିବ । ସେ କହିଥିଲେ, ଦୂରତା ସାହାଯ୍ୟ କରେ । ଆମେ ୟୁରୋପରେ ନାହୁଁ ଏବଂ ସିଧାସଳଖ ବିପଦରେ ନାହୁଁ, ଏବଂ ଉଦାହରଣ ସ୍ୱରୂପ ଆଞ୍ଚଳିକ ସୀମାରେ ପରିବର୍ତ୍ତନ ଦ୍ୱାରା ଆମେ ଉପକୃତ ହେଉନାହୁଁ କିନ୍ତୁ ଏହା ଆମକୁ ସାହାଯ୍ୟ କରୁଛି ।

# ନାଗପୁର ସଂଘର୍ଷକୁ ନେଇ ତେଜିଲା ରାଜନୀତି



**ନାଗପୁର,୧୯।୩(ଏଜେନ୍ସି):** ନାଗପୁର ସଂଘର୍ଷରେ ୩୦ ରୁ ଅଧିକ ଲୋକ ଆହତ ହେବା ପରେ ଏହାକୁ ନେଇ ଏବେ ରାଜନୈତିକ ବିବାଦ ଆରମ୍ଭ ହୋଇଛି । କାରଣ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି ଯେ ଏହି ହିଂସା ଯୋଜନାବଦ୍ଧ ଥିଲା । ମାତ୍ର ବିରୋଧୀ ଦଳ ସରକାରଙ୍କ ବିଫଳତାର ଅଭିଯୋଗ କରିଛନ୍ତି । ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ସମାଧିକୁ ମହାରାଷ୍ଟ୍ରରୁ ସ୍ଥାନାନ୍ତର କରିବା ନେଇ ସୋମବାର ସନ୍ଧ୍ୟାରେ ହିଂସା ଘଟିବା ପରେ ନାଗପୁରର ଅନେକ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି । ସହରର ମହଲ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଏକ ବଡ଼ ସଂଘର୍ଷ ପରେ ୬୦ରୁ ଅଧିକ ଦଙ୍ଗାକାରୀଙ୍କୁ ଅଟକ ରଖାଯାଇଥିଲା ଏବଂ ପ୍ରାୟ ୩୦ଟି ଗାଡ଼ି ପୋଡ଼ି ଦିଆଯାଇଥିଲା । ନାଗପୁର ହିଂସା ଉପରେ ବିଧାନସଭାରେ ଭାଷଣ ଦେଇ ଫଡନଭିସ୍ କହିଛନ୍ତି, ନାଗପୁରରେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପ୍ରତିବାଦ କରିଥିଲେ । ଧାର୍ମିକ ବିଷୟବସ୍ତୁ ଥିବା ଜିନିଷ ପୋଡ଼ି ଦିଆଯାଇଥିବା ଗୁଜବ ପ୍ରସାରିତ ହୋଇଥିଲା । ଏହା ଏକ ଯୋଜନାବଦ୍ଧ ଆକ୍ରମଣ ପରି ମନେ ହେଉଛି । ଆଇନ ଶୃଙ୍ଖଳାକୁ ହାତକୁ ନେବାକୁ କାହାରି ଅନୁମତି ନାହିଁ । ଔରଙ୍ଗଜେବଙ୍କ କବର ଭାଙ୍ଗିବା ଦାବିରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ ମୋଗଲ ସମ୍ରାଟଙ୍କ କୁଶ ପୁତ୍ତଳିକା ଦାହ କଲେ । ଆଉ ଏହା ପରେ ଆରମ୍ଭ ହୋଇଯାଇଥିଲା ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ । ପରସ୍ପରକୁ ପଥର ମାଡ଼, ଲୋକଙ୍କ ଘର ଉପରକୁ ବି ପଥର ମାଡ଼ କରିଛନ୍ତି ଉପଦ୍ରବକାରୀ । କେବଳ ସେତିକି ନୁହେଁ, ରାସ୍ତା କଡରେ ଛିଡା ହୋଇଥିବା ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି । ଅଗ୍ନିକାଣ୍ଡ ଘଟାଇବା ସହ ଅନେକ ଗାଡ଼ି ଭଙ୍ଗାରୁଜା ମଧ୍ୟ କରିଛନ୍ତି । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା।

# ସେନସେକ୍ସ ୧୧୩୧ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୧୯।୩(ଏଜେନ୍ସି):** ଭାରତୀୟ ଷ୍ଟକ ବଜାର ଲାଗି ଆଜି ଥିଲା ଉତ୍ସାହର ଦିନ। ମଙ୍ଗଳବାର ବିଏସ୍‌ଇ ସେନସେକ୍ସ ୧୧୩୧.୩୧ ପଏଣ୍ଟ (୧.୫୩%) ବୃଦ୍ଧି ପାଇ ୭୫,୩୦୧.୨୬ ପଏଣ୍ଟରେ ବନ୍ଦ ହୋଇଛି ।



ଅନ୍ୟପକ୍ଷରେ ଏନଏସଇ ନିଫ୍ଟି ୫୦ ଇଣ୍ଡେକ୍ସ ୩୨୫.୫୫ ପଏଣ୍ଟ (୧.୪୫%) ବୃଦ୍ଧି ପାଇ ୨୨,୮୩୪.୩୦ ପଏଣ୍ଟରେ ବନ୍ଦ ହୋଇଛି । ଆଜି ବଜାର ଜୋରଦାର ଗତିରେ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ, ସୋମବାର ଷ୍ଟକ ବଜାର ମଧ୍ୟ ସୁଧାର ସହ ବନ୍ଦ ହୋଇଯାଇଥିଲା । ଗତକାଲି ବିଏସଇ ସେନସେକ୍ସ ୩୪୧.୦୪ ପଏଣ୍ଟ ବୃଦ୍ଧି ପାଇ ୭୪,୧୬୯.୯୫ ପଏଣ୍ଟ ଏବଂ ନିଫ୍ଟି ୧୧୧.୫୫ ପଏଣ୍ଟ ବୃଦ୍ଧି ପାଇ ୨୨,୫୦୮.୭୫ ପଏଣ୍ଟରେ ବନ୍ଦ ହୋଇଥିଲା । ମଙ୍ଗଳବାର ସେନସେକ୍ସରେ ଥିବା ୩୦ଟି କମ୍ପାନି ମଧ୍ୟରୁ ୨୬ଟି କମ୍ପାନୀର ସେୟାର ବୃଦ୍ଧି ସହ ବନ୍ଦ ହୋଇଥିବା ବେଳେ ବାକି ୪ଟି କମ୍ପାନି କ୍ଷତି ସହ ଲାଲ ରଙ୍ଗରେ ବନ୍ଦ ହୋଇଛି । ଅନ୍ୟପକ୍ଷରେ ନିଫ୍ଟି-୫୦ରେ ଥିବା ୫୦ଟି କମ୍ପାନି ମଧ୍ୟରୁ ୪୭ଟି କମ୍ପାନୀର ସେୟାର ସବୁଜ ରଙ୍ଗରେ ବନ୍ଦ ହୋଇଥିବା ବେଳେ ବାକି ୩ଟି କମ୍ପାନୀ କ୍ଷତି ସହ ଲାଲ ରଙ୍ଗରେ ବନ୍ଦ ହୋଇଛି । ଆଜି ସେନସେକ୍ସରେ ଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଜୋମାଟୋର ସେୟାର ସର୍ବାଧିକ ୭.୪୩ ପ୍ରତିଶତ ବୃଦ୍ଧି ସହ ବନ୍ଦ ହୋଇଥିବା ବେଳେ ବଜାଜ ଫିନସର୍ଭର ସେୟାର ସର୍ବାଧିକ ୧.୩୩ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଛି ।

# ପୁଣି ୧୪ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଆମାଜନ୍ !

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ପୁଣିଥରେ ଛଟେଇ ଖବର । ଖର୍ଚ୍ଚ ସଞ୍ଚୟ କରିବା ଏବଂ କର୍ମଚାରୀ ସଂଖ୍ୟା ହ୍ରାସ କରିବା ଯୋଜନାର ଅଂଶ ସ୍ୱରୂପ ଆମାଜନ ଏହି ବର୍ଷ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ନିଷ୍ପତ୍ତି ନେଇଛି । ତେବେ ୧୪ ହଜାର କର୍ମଚାରୀଙ୍କୁ ଛଟେଇ କରିବ କମ୍ପାନୀ । ଯାହା ଫଳରେ ପ୍ରାୟ ୧୩ ପ୍ରତିଶତ କର୍ମଚାରୀ ସଂଖ୍ୟା ହ୍ରାସ ପାଇବ । ଏହି ବର୍ଷ, ଟେକ୍ ଏବଂ ରିଟେଲ କମ୍ପାନୀଗୁଡ଼ିକ ଇଓ ର ଚ୍ୟାଲେଞ୍ଜର ମୁକାବିଲା କରିବା ଏବଂ ଲାଭ ସର୍ବାଧିକ କରିବା ଉପରେ ଧ୍ୟାନ ଦେବା ପାଇଁ କର୍ମଚାରୀମାନଙ୍କୁ ଛଟେଇ କରୁଛନ୍ତି । ଫାଇନାନ୍ସିଆଲ୍ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାର ଆରମ୍ଭ ସୁଦ୍ଧା Amazon ଛଟେଇ ନେଇ ଘୋଷଣା କରିବ ଏବଂ କମ୍ପାନୀକୁ ବାର୍ଷିକ ପ୍ରାୟ USD ୨.୧ ରୁ USD ୩.୬ ବିଲିୟନ ସଞ୍ଚୟ କରିବାରେ ସାହାଯ୍ୟ କରିବ । Amazonର ଆଗାମୀ ଛଟେଇ ବିଶ୍ୱସ୍ତରୀୟ କର୍ମଚାରୀଙ୍କୁ ପ୍ରଭାବିତ କରିବ ଏବଂ ମୋଟ କର୍ମଚାରୀଙ୍କ ସଂଖ୍ୟା ୧,୦୫,୭୭୦ ରୁ ୯୧,୯୩୬ କୁ ହ୍ରାସ




କରିବ । କର୍ମଚାରୀ ସଂଖ୍ୟାରେ ଏହି ବ୍ୟାପକ ହ୍ରାସ Amazonର ପୁନର୍ଗଠନ ଯୋଜନା ଏବଂ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପ୍ରୟାସର ଏକ ଅଂଶ ଅଟେ । ଆମାଜନର ସିଇଓ ଆଣ୍ଡି ଜାସି ଇ-କମର୍ସ କମ୍ପାନୀର ଦକ୍ଷତା ବୃଦ୍ଧି କରିବା ଏବଂ କର୍ମଚାରୀମାନଙ୍କୁ ଛଟେଇ କରି ନିଷ୍ପତ୍ତି ଗ୍ରହଣକୁ ସରଳ କରିବାରେ ସାହାଯ୍ୟ କରିବା ପାଇଁ ଏକ ରଣନୀତି ଘୋଷଣା କରିଛନ୍ତି । ରିପୋର୍ଟ ଅନୁଯାୟୀ, ଆଣ୍ଡି ଜାସି ୨୦୨୫ ମସିହାର ପ୍ରଥମ ତ୍ରୈମାସିକରେ ପରିଚାଳକମାନଙ୍କ ପାଇଁ ବ୍ୟକ୍ତିଗତ ଅବଦାନକାରୀଙ୍କୁ ୧୫% ବୃଦ୍ଧି କରିବାର ଯୋଜନା କରିଛନ୍ତି । ଆମାଜନର ସିଇଓ କହିଛନ୍ତି ଯେ ଛଟେଇ କମ୍ପାନୀକୁ ଅମଲାତନ୍ତ୍ର ହ୍ରାସ କରିବାରେ ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ । ରିପୋର୍ଟରେ ମୋର୍ଗାନ୍ ଷ୍ଟାନଲିର ଏକ ରିପୋର୍ଟକୁ ଉଦ୍ଧୃତ କରାଯାଇଛି ଯେଉଁଥିରେ କୁହାଯାଇଛି ଯେ ଆମାଜନ ଚାକିରି ଛଟେଇ ଆସନ୍ତା ବର୍ଷ ପ୍ରାୟ ୧୩,୮୪୩ ଜଣ କର୍ମଚାରୀଙ୍କୁ ପ୍ରଭାବିତ କରିପାରେ । ଏହା ମଧ୍ୟ ଉଲ୍ଲେଖ କରିଛି ଯେ ଏହି ନିଷ୍ପତ୍ତି କମ୍ପାନୀକୁ ଯଥେଷ୍ଟ ଖର୍ଚ୍ଚ ସଞ୍ଚୟ କରିବାରେ ସାହାଯ୍ୟ କରିବ ।

# ଇଣ୍ଡୋନେସିଆରେ ଭୂକମ୍ପ ଝଟ୍‌କା

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ଭୂକମ୍ପ ଝଟକାରେ ଥରିଲା ଇଣ୍ଡୋନେସିଆ । ଆଜି ସକାଳୁ ଇଣ୍ଡୋନେସିଆରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଏହାର ରିକ୍ଟର ସ୍କେଲରେ ତୀବ୍ରତା ୫.୫ ରେକର୍ଡ଼ କରାଯାଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ଥିବା ବେଳେ ଭୂମିକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତିର ସୂଚନା ନାହିଁ । .ସେହିପରି ଗତକାଲି ଚୀନ୍ ଏବଂ ଇଥିଓପିଆରେ ମଧ୍ୟ ଭୂକମ୍ପ ହୋଇଥିଲା । ଯାହାର ରିକ୍ଟର ସ୍କେଲରେ ତୀବ୍ରତା ୫.୫ ଏବଂ ୪.୩ ରେକର୍ଡ଼ କରାଯାଇଥିଲା । ଉଭୟ ଦେଶରେ ଭୂମିକମ୍ପ ଯୋଗୁଁ କୌଣସି ଜୀବନହାନି ନେଇ ସୂଚନା ନାହିଁ । ରବିବାର ରାତିରେ କାଲିଫର୍ନିଆର ମାଲିବୁ ଅଞ୍ଚଳରେ ଏକ ଭୂମିକମ୍ପ ହୋଇଥିଲା । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୩.୯ ରେକର୍ଡ଼ କରାଯାଇଥିଲା । ଲସ୍ ଆଞ୍ଜେଲସ୍, ଥାଉଜାଣ୍ଡ ଓକ୍ସ, ସିମି ଭ୍ୟାଲି, ଭେଣ୍ଟୁରା, ଆଗୋରା ହିଲ୍ସ ଏବଂ ୱେଷ୍ଟଲେକ୍ ଗ୍ରାମରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ବେକ୍ଷଣ ଭୂମିକମ୍ପର ସତ୍ୟାସତ୍ୟ ପ୍ରମାଣ କରିଛି ଏବଂ କହିଛି ଯେ ଭୂକମ୍ପର କେନ୍ଦ୍ରସ୍ଥଳ ମାଲିବୁରୁ ପ୍ରାୟ ୬.୨ ମାଇଲ , ଉତ୍ତର-ପଶ୍ଚିମରେ ୯ ମାଇଲ ଗଭୀରତାରେ ଥିଲାୟ ପୂର୍ବରୁ ମାର୍ଚ୍ଚ ୯ ତାରିଖରେ ମାଲିବୁ ନିକଟସ୍ଥ ୱେଷ୍ଟଲେକ୍ ଗ୍ରାମରେ ୪.୧ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା ।

# ମୋଦୀଙ୍କୁ କ୍ଷମା ମାଗିବା ସହ ବିଜେପି ସହିତ ସରକାର ଗଠନ କରିବାକୁ ଚାହୁଁଥିଲେ ଉଦ୍ଧବ : ସିନ୍ଦେ

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏକ ବଡ଼ ଖୁଲାସା କରିଛନ୍ତି । ବିଧାନ ପରିଷଦରେ ଭାଷଣ ଦେବା ସମୟରେ ସିନ୍ଦେ କହିଛନ୍ତି ଯେ, ମହାବିକାଶ ଅଗାଡି ସରକାର ସମୟରେ, ଉଦ୍ଧବ ଠାକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀରେ ଭେଟିବା ସମୟରେ କ୍ଷମା ମାଗିଥିଲେ । ଆଉ କହିଥିଲେ ଯେ, ଆମେ ଆପଣଙ୍କ ସହିତ ସରକାର ଗଠନ କରିବାକୁ ଚାହୁଁଛୁ । ତେବେ ମୁମ୍ବାଇ ଆସିବା ପରେ, ସେ (ଉଦ୍ଧବ ଠାକରେ) ଏହି ବକ୍ତବ୍ୟରୁ ମଧ୍ୟ ପଛକୁ ହଟି ଯାଇଥିଲେ । ବିଧାନ ପରିଷଦରେ ଭାଷଣ ଦେଇ ଏକନାଥ ସିନ୍ଦେ କହିଛନ୍ତି କି, 'ମୁଁ ଆପଣଙ୍କୁ ଏକ ଭିତରର କାହାଣୀ କହୁଛି । ସେମାନଙ୍କର (ଅନିଲ ପରବ) ନେତା (ଉଦ୍ଧବ ଠାକରେ) ମଧ୍ୟ ମୋଦି ଜିଙ୍କୁ ଭେଟିଥିଲେ । କହିଥିଲେ ଦୟାକରି ମୋତେ କ୍ଷମା କରନ୍ତୁ...ମୋଦୀ ସାହେବଙ୍କୁ ଭେଟିଲେ ଏବଂ କହିଲେ ଆମେ ପୁଣି ଆପଣଙ୍କ ସହିତ ଯିବୁ । କିନ୍ତୁ ଯେତେବେଳେ ସେ ଏଠାକୁ (ମୁମ୍ବାଇ) ଆସିଲେ, ସେ ପଛକୁ ମୁହଁ ଫେରାଇଲେ ।ଏହା ସହିତ ସିନ୍ଦେ କହିଛନ୍ତି କି,ଆପଣ (ଅନିଲ ପରବ) ମଧ୍ୟ ଯାଇଥିଲେ ।' ଯେତେବେଳେ ଆପଣଙ୍କୁ ନୋଟିସ ଆସିଥିଲା,ଆପଣ ସେଠାକୁ ଯାଇଥିଲେ । ଆପଣ କହିଲେ, ମୋତେ ଏଠାରୁ (ମାମଲା) ରକ୍ଷା କର । ଯେତେବେଳେ ଆପଣ ସେଥିରୁ ବାହାରି ଆସିଲେ, ଆପଣ ପଛକୁ ବୁଲିଗଲେ । ମୁଁ ଏହା ଜାଣିଛି । ସେଥିପାଇଁ ମୁଁ ଆପଣଙ୍କୁ କହୁଛି ଯେ ଆମେ ଯାହା କରିଥିଲୁ, ତାହା ଖୋଲାଖୋଲି ଭାବରେ କରିଥିଲୁ । ଆମେ ଗୁପ୍ତ ଭାବରେ ଯାଇ ନଥିଲୁ । ଯେତେବେଳେ ଶିବସେନା, ଧନୁତୀର ବିପଦରେ ପଡ଼ିଲା, ଯେତେବେଳେ ବାଲାସାହେବଙ୍କ ଚିନ୍ତାଧାରା ବିପଦରେ ପଡ଼ିଲା, ଯେତେବେଳେ ତୁମେ ଔରଙ୍ଗଜେବଙ୍କ ଚିନ୍ତାଧାରା ଗ୍ରହଣ କଲ, ତା'ପରେ ଆମେ ତୁମର (ଉଦ୍ଧବ ଠାକରେ) ଗାଡ଼ିକୁ ଓଲଟାଇ ଦେଲୁ ।

# ଯାତ୍ରା ନୀତି ନେଇ ଅଟଳ ବିସିସିଆଇ

ନୂଆଦିଲ୍ଲୀ, ୧୯।୩: ନିକଟ ଅତୀତରେ ବିସିସିଆଇର ନୂତନ ଯାତ୍ରା ନୀତିକୁ ବହୁତ ସମାଲୋଚନା କରି ଅନେକ କିଛି କହିଥିଲେ। ଯାହା ପରେ ବିସିସିଆଇ ଏହାର ନୀତି ପରିବର୍ତ୍ତନ କରିପାରେ ବୋଲି ରିପୋର୍ଟ ଆସିଥିଲା, କିନ୍ତୁ ଏବେ ଏ ସମ୍ପର୍କରେ ଏକ ବଡ଼ ଖବର ଆସିଛି । ଷ୍ଟ୍ରେଲିଆ । ବିପକ୍ଷ ଟେଷ୍ଟ ସିରିଜ ପରାଜୟ ପରେ ବିସିସିଆଇ ଲାଗୁ ହୋଇଥିବା ପରିବାର ନୀତିର ପୁନର୍ବିଚାର କରୁଛି ବୋଲି ଦାବି କରାଯାଉଥିବା ରିପୋର୍ଟକୁ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସଚିବ ଦେବଜିତ ସାଇକିଆ। ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି।

ବିସିସିଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ, ବିଦେଶ ଗସ୍ତ ସମୟରେ ଖେଳାଳିଙ୍କ ପରିବାରକୁ ଏକ ନିର୍ଦ୍ଦିଷ୍ଟ ସମୟ ପରେ ଦଳ ସହିତ ରହିବାକୁ ଅନୁମତି ଦିଆଯିବ ନାହିଁ। ତଥାପି ବିରାଟ କୋହଲିଙ୍କ ସମାଲୋଚନା ପରେ କିଛି ରିପୋର୍ଟରେ କୁହାଯାଇଛି ଯେ ବିସିସିଆଇ ଏହି ନୀତିରେ ପରିବର୍ତ୍ତନ ଆଣିବାକୁ ବିଚାର କରୁଛି।କିନ୍ତୁ ସଚିବ ସାଇକିଆ। ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନର ନୀତି ବଜାୟ ରହିବ ଏବଂ ଏଥିରେ ବର୍ତ୍ତମାନ ପାଇଁ କୌଣସି ପରିବର୍ତ୍ତନ ହେବ ନାହିଁ।

ସାଇକିଆ। କ୍ରିକବଜ୍‌କୁ ଦେଇଥିବା ଏକ






ସାକ୍ଷାତକାରରେ କହିଛନ୍ତି, ଏହି ସମୟରେ, ବିଦ୍ୟମାନ ନୀତି ବଜାୟ ରହିବ, କାରଣ ଏହା ଆମ ଦେଶ ଏବଂ ସଂଗଠନ, ବିସିସିଆଇ ଉଭୟ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ସେ ଆହୁରି କହିଛନ୍ତି, ବିସିସିଆଇ ସ୍ୱୀକାର କରେ ଯେ କିଛି ଅସନ୍ତୋଷ କିମ୍ବା ଭିନ୍ନ ମତ ଥାଇପାରେ, କାରଣ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକଙ୍କର ମତ ପ୍ରକାଶ କରିବାର ଅଧିକାର ଅଛି। ଏହି ନୀତି ସମସ୍ତ ଦଳର ସଦସ୍ୟ ଖେଳାଳି, ପ୍ରଶିକ୍ଷକ, ପରିଚାଳକ, ସହାୟକ କର୍ମଚାରୀ ଏବଂ ସମ୍ପୃକ୍ତ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ଏବଂ ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରାଯାଇଛି। ସାଇକିଆ ଏହା ମଧ୍ୟ କହିଛନ୍ତି ଯେ ଏହି ନୀତି ରାତାରାତି ତିଆରି ହୋଇନାହିଁ ସେ କହିଥିଲେ, ଏହି ନୀତି ଦଶନ୍ଧି ଧରି ପ୍ରଚଳିତ, ଆମର ଅଧ୍ୟକ୍ଷ ରୋଜର ବିନିଙ୍କ ଖେଳ ସମୟରୁ ଏବଂ ହୁଏତ ତା ପୂର୍ବରୁ ମଧ୍ୟ।

ବିସିସିଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ, ଯଦି ବିଦେଶ ଗସ୍ତ ୪୫ ଦିନରୁ ଅଧିକ ସମୟ ପାଇଁ ହୁଏ, ତେବେ ଖେଳାଳିଙ୍କ ପରିବାରକୁ ସର୍ବାଧିକ ଦୁଇ ସପ୍ତାହ ପାଇଁ ଦଳ ସହିତ ରହିବାକୁ ଅନୁମତି ଦିଆଯିବ। ସାଇକିଆ। କହିଛନ୍ତି, ନୂତନ ନୀତି ପୂର୍ବ ନୀତିର ଏକ ସଂଶୋଧିତ ସଂସ୍କରଣ, ଯେଉଁଥିରେ ଖେଳାଳିଙ୍କ ଅଭ୍ୟାସ ଅଧିବେଶନ, ମ୍ୟାଚ ସୂଚୀ, ଗସ୍ତ, ଉପକରଣ, ଦଳଗତ କାର୍ଯ୍ୟକଳାପ ଏବଂ ଅନ୍ୟାନ୍ୟ ସହାୟକ କାର୍ଯ୍ୟକଳାପ ସହିତ ଜଡିତ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଦଳର ଏକତା ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସମସ୍ତ ବ୍ୟବସ୍ଥା କରାଯାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ବିସିସିଆଇ ବିଦେଶ ଗସ୍ତ ସମୟରେ ଖେଳାଳିଙ୍କ ପରିବାରକୁ ଏକାଠି ରହିବା ପାଇଁ ସମୟ ବୃଦ୍ଧି କରିଛି, କିନ୍ତୁ ବିଶେଷ ପରିସ୍ଥିତିରେ ନିୟମଗୁଡ଼ିକୁ କୋହଳ କରାଯାଇପାରିବ କିନ୍ତୁ ଏହା କେବଳ ଏକ ପ୍ରକ୍ରିୟା ମାଧ୍ୟମରେ କରାଯିବ।

# ଧନଶ୍ରୀଙ୍କୁ ୫ କୋଟି ଟଙ୍କା ଦେବେ ଚହଲ

ନୂଆଦିଲ୍ଲୀ, ୧୯।୩: ଟିମ ଇଣ୍ଡିଆର ଖେଳାଳି ଯୁଜବେନ୍ଦ୍ର ଚହଲ ଏବଂ ଧନଶ୍ରୀ ବର୍ମାଙ୍କ ଛାଡପତ୍ର ମାମଲାରେ ଏକ ବଡ଼ ଅପଡେଟ ଆସିଛି। ଧନଶ୍ରୀ ଏବଂ ଚହଲଙ୍କ ଛାଡପତ୍ରକୁ ନେଇ ବହୁତ ଦିନ ଧରି ଆଲୋଚନା ହେଉଥିଲା ଏକ ରିପୋର୍ଟ ଅନୁଯାୟୀ, ଚହଲ ଏବଂ ଧନଶ୍ରୀଙ୍କ ଛାଡପତ୍ରର ନିଷ୍ପତ୍ତି ମାର୍ଚ୍ଚ ୨୦ରେ ଆସିପାରେ। ଏହି ପ୍ରସଙ୍ଗରେ ବମ୍ବେ ହାଇକୋର୍ଟ ପରିବାର ଅଦାଲତକୁ ନିର୍ଦ୍ଦେଶ ଦେଇଛନ୍ତି। ଚହଲଙ୍କୁ ଭରଣପୋଷଣ ଦେବାକୁ ପଡିବ କି ନାହିଁ ସେ ବିଷୟରେ ମଧ୍ୟ ଏକ ଅପଡେଟ ମିଳିଛି।

ବାର ଏବଂ ବେଞ୍ଚ ଖବର ଅନୁଯାୟୀ, ବମ୍ବେ ହାଇକୋର୍ଟ ପରିବାର ଅଦାଲତର ନିଷ୍ପତ୍ତିକୁ ବାତିଲ କରିଦେଇଛନ୍ତି ଏଥିରେ, ହିନ୍ଦୁ ବିବାହ ଆଇନ ଅନୁଯାୟୀ ଛାଡପତ୍ର ପାଇଁ କୁଲିଂ-ଅଫ ପିରିୟଡ ଛାଡ଼ କରିବା ପାଇଁ ଚହଲ ଏବଂ ଧନଶ୍ରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଛି।ଜଷ୍ଟିସ ମାଧବ ଜାମଦାରଙ୍କ ଖଣ୍ଡପୀଠ ଆସନ୍ତାକାଲି (ମାର୍ଚ୍ଚ ୨୦) ସୁଦ୍ଧା ଛାଡପତ୍ର ଆବେଦନ ଉପରେ ନିଷ୍ପତ୍ତି ନେବାକୁ ପରିବାର କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି।



ରିପୋର୍ଟ ଅନୁଯାୟୀ, ଚହଲ ଏବଂ ଧନଶ୍ରୀଙ୍କ ମଧ୍ୟରେ ଭରଣପୋଷଣ ସମ୍ପର୍କରେ ଏକ ଚୁକ୍ତି ହୋଇଥିଲା। ଏହା ଅଧୀନରେ, ଚହଲ ଧନଶ୍ରୀଙ୍କୁ ସ୍ଥାୟୀ ଭରଣପୋଷଣ ଭାବରେ ୪ କୋଟି ୭୫ ଲକ୍ଷ ଟଙ୍କା ଦେବେ। ସେ ପୂର୍ବରୁ ୨.୩୭ କୋଟି ଟଙ୍କା ଦେଇସାରିଛନ୍ତି। ଏବେ ପରିବାର କୋର୍ଟର ନିଷ୍ପତ୍ତି ପରେ ବଳକା ରାଶି ଦିଆଯିବ।

ଚହଲ ଏବଂ ଧନଶ୍ରୀ ଡିସେମ୍ବର ୨୦୨୦ ରେ ବିବାହ କରିଥିଲେ। କିନ୍ତୁ ସେମାନଙ୍କର ସମ୍ପର୍କ ଅଧିକ ଦିନ ପର୍ଯ୍ୟନ୍ତ ଭଲ ରହିଲା ନାହିଁ। ବିବାହର ପ୍ରାୟ ଦେଢ଼ ବର୍ଷ ପରେ ଚହଲ ଏବଂ ଧନଶ୍ରୀ ଅଲଗା ରହିବା ଆରମ୍ଭ କରିଥିଲେ ।ଦୁହେଁ ଜୁନ ୨୦୨୨ ଠାରୁ ଏପର୍ଯ୍ୟନ୍ତ ଅଲଗା ରହୁଛନ୍ତି ।ଚଳିତ ବର୍ଷ ଫେବୃଆରୀ ୫ ତାରିଖରେ ଛାଡପତ୍ର ଆବେଦନ ଦାଖଲ କରାଯାଇଥିଲା ଉଭୟ ପାରସ୍ପରିକ ସମ୍ମତିରେ ଛାଡପତ୍ର ନେଉଛନ୍ତି।

ଧନଶ୍ରୀ ବର୍ମା ବହୁ ଦିନ ପୂର୍ବରୁ ଚହଲଙ୍କ ନାମ ସୋସିଆଲ ମିଡିଆରୁ ହଟାଇ ଦେଇଥିଲେ ସେ ତାଙ୍କ ନାମ ସହିତ ଚହଲ ଉପନାମ ହଟାଇଥିଲେ ଏହା ପରେ, ସେମାନଙ୍କ ଛାଡପତ୍ର ବିଷୟରେ ଆଲୋଚନା ଆରମ୍ଭ ହୋଇଥିଲା ଚହଲ କିଛି ମାସ ପୂର୍ବରୁ ଇନଷ୍ଟାଗ୍ରାମରୁ ଧନଶ୍ରୀଙ୍କ ସହ ଫଟୋଗୁଡ଼ିକୁ ଡିଲିଟ କରିଦେଇଥିଲେ। ଏହା ପରେ, ଛାଡପତ୍ରର ଆଲୋଚନା ପୁଣି ଆରମ୍ଭ ହୋଇଥିଲା

# ୧୭ ବର୍ଷ ପରେ ଅବସର ଘୋଷଣା କଲେ ଜୋଶ

ନୂଆଦିଲ୍ଲୀ, ୧୯।୩: କ୍ରିକେଟ ଜଗତରେ ଇଂଲଣ୍ଡ କ୍ରିକେଟର ଜୋଶ କବ ଏକ ଜଣାଶୁଣା ନାମ, ଯିଏ ୧୭ ବର୍ଷ ଧରି ଘରୋଇ କ୍ରିକେଟରେ ନିଜର ଚମତ୍କାର ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ଏବେ ସେ ତାଙ୍କ ବୃତ୍ତିଗତ କ୍ରିକେଟ କ୍ୟାରିୟରକୁ ବିଦାୟ ଦେଇଛନ୍ତି ଜୋଶ କବ। କେବଳ ଘରୋଇ କ୍ରିକେଟରେ ନିଜର ଛାପ ଛାଡ଼ି ନ ଥିଲେ ବରଂ ଯୁବ ଖେଳାଳିମାନଙ୍କୁ ତାଲିମ ଦେବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

କବ ୪୪୮ଟି ବୃତ୍ତିଗତ ମ୍ୟାଚ୍ ଖେଳିଛନ୍ତି। ମାତ୍ର ୧୭ ବର୍ଷ ବୟସରେ ସେତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ। ସେ ତାଙ୍କ କ୍ୟାରିଅରରେ ୧୩,୦୦୦ରୁ ଅଧିକ ରନ କରିଥିଲେ। ସେ ଘରୋଇ କ୍ରିକେଟରେ ସ୍ପିନ ବୋଲିଂ କରିବା ସମୟରେ ୧୩୩ଟି ଉଇକେଟ ମଧ୍ୟ ନେଇଥିଲେ। କବ ୨୦୦୮ ମସିହାରେ ୧୪୮ ରନର ଏକ ଚମତ୍କାର ଇନିଂସ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

୨୦୦୮ ମସିହାରେ, ସେ ୧୪୮ ରନର ଏକ ଚମତ୍କାର ଇନିଂସ ଖେଳି ସବୁଠାରୁ କମ ବୟସ୍କ ଶତକ ହାସଲ କରିବାର ରେକର୍ଡ ସୃଷ୍ଟି କରିଥିଲେ। ସେ ଓ୍ୱାରିକଶାୟାର ଏକାଡେମୀରେ ଯୁବ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରୁ ଅନେକ ଏବେ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରୁଛନ୍ତି।

କହି ରଖୁଛୁ ଯେ କ୍ରିକେଟରୁ ଅବସର ନେବା ପରେ, ଜୋଶ କବ ଏବେ ବାଳକ ଏକାଡେମୀର ମୁଖ୍ୟ ଭାବରେ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିବେ। ଏହି ନୂତନ ଭୂମିକାରେ, ସେ ଯୁବ କ୍ରିକେଟରମାନଙ୍କ ପ୍ରଶିକ୍ଷକ ଏବଂ ପରାମର୍ଶଦାତା ରହିବେ। ତେବେ ଅବସର ଘୋଷଣା କରି ଜୋଶ କବ କହିଛନ୍ତି, ୧୮ ବର୍ଷ ପୂର୍ବେ ଯେତେବେଳେ ମୁଁ କ୍ରିକେଟରେ ପାଦ ଦେଇଥିଲି, ଏହି ଯାତ୍ରା ବହୁତ ଖରାପ ଥିଲା, କିନ୍ତୁ ଏହା ସମ୍ପୂର୍ଣ୍ଣ ଉପଭୋଗ୍ୟ ଥିଲା ଏହି ଯାତ୍ରାରେ ମୋତେ ସମର୍ଥନ କରିଥିବା ଏବଂ ମୋ କ୍ୟାରିୟରରେ ମୋତେ ସୁନ୍ଦର ସ୍ମୃତି ଦେଇଥିବା ସମସ୍ତଙ୍କ ପ୍ରତି ମୁଁ କୃତଜ୍ଞ କ୍ରିକେଟ ମୋତେ ବହୁତ କିଛି ଦେଇଛି, ଯେଉଁଥିରେ ୧୮ ବର୍ଷ ବୟସରେ ଲର୍ଡସରେ ମୋର ପ୍ରଥମ ଶତକ ଏବଂ ଦୁଇଥର ଟି୨୦ ବ୍ଲାଷ୍ଟ ଫାଇନାଲ ଜିତିବାର ସ୍ମୃତି ମଧ୍ୟ ରହିଛି।

## ସମୀର ମହାନ୍ତି ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ୍‌ର ନୂଆ ସଭାପତି !

କଟକ, ୧୯।୩: ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ୍‌ର ନୂତନ ସଭାପତିଙ୍କ ନାଁ ଏକ ପ୍ରକାର ନିଶ୍ଚିତ ହୋଇଛି । ବରିଷ୍ଠ ବିଜେପି ନେତା ସମୀର ମହାନ୍ତି ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ପରବର୍ତ୍ତୀ ସଭାପତି ହେବେ। ଏହି ପଦ ପାଇଁ ସମୀରଙ୍କ ବ୍ୟତୀତ ଅନ୍ୟ କେହି ଆବେଦନ କରିନାହାନ୍ତି। ତେଣୁ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସଭାପତି ହେବା ନିଶ୍ଚିତ ହୋଇଛି ୨୦୨୯ ଯାଏ ସେ ଓଓଏର ସଭାପତି ହୋଇ ରହିବେ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ର ସାଧାରଣ ପରିଷଦ ବୈଠକ ହେବ।।

# ଆଇପିଏଲ୍‌ରୁ ୬ ହଜାର କୋଟି ଆୟ କରି ରେକର୍ଡ କରିବ ଜିଓ ଷ୍ଟାର

ମୁମ୍ବାଇ, ୧୯।୩: ରିଲାଏନ୍ସ ଜିଓ ଷ୍ଟାର ବିଜ୍ଞାପନ ରାଜସ୍ୱ କ୍ଷେତ୍ରରେ ଏକ ରେକର୍ଡ କରିବାକୁ ଯାଉଛି ଟିଭି ଓ ଡିଜିଟାଲ ପ୍ରସାରଣ ବାବଦକୁ ମିଳିତ ଭାବେ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ୬ ହଜାର କୋଟିରୁ ଅଧିକ ଆୟ କରିପାରେ ବୋଲି ଆଶା କରାଯାଉଛି। ଆଇପିଏଲ୍ ଲାଗି ବିଜ୍ଞାପନ ବାବଦକୁ ରଖାଯାଇଥିବା ସ୍ଲଟ୍‌ର ୯୦ ପ୍ରତିଶତ ବିକ୍ରି ହୋଇଯାଇଛି। ଏଥିଯୋଗୁ ଗତବର୍ଷ ଆଇପିଏଲ୍ ଅପେକ୍ଷା ଚଳିତବର୍ଷ ଜିଓ ଷ୍ଟାର ୫୮ ପ୍ରତିଶତ ଅଧିକ ଆୟ କରିବ ଗତବର୍ଷ ଆଇପିଏଲରୁ ଜିଓ ଷ୍ଟାର ୩,୯୦୦ କୋଟି ଆୟ କରିଥିଲା। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଡିଜିଟାଲ ପ୍ରସାରଣରୁ ୫୫ ଓ ଟିଭିରୁ ୪୫ ପ୍ରତିଶତ ବିଜ୍ଞାପନ ବାବଦକୁ ରାଜସ୍ୱ ଆସିବ। ଏହାପଛର କାରଣ ହେଉଛି ଟିଭି ଲାଗି ବିଜ୍ଞାପନ ସମୟ ସୀମିତ ଥିବା ବେଳେ ଡିଜିଟାଲରେ ସେଭଳି କୌଣସି କଟକଣା ନାହିଁ।

## ଆଜିଠୁ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା

ନୂଆଦିଲ୍ଲୀ: ଚଳିତ ମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହେବାକୁଥିବା ଖେଲୋ ଇଣ୍ଡିଆ। ପାରା କ୍ରୀଡ଼ା ଲାଗି ଆନ୍ଥେମ, ମାସ୍କଟ ଓ ଲୋଗୋ ମଙ୍ଗଳବାର ଉନ୍ମୋଚିତ ହୋଇଛି। ସ୍ଥାନୀୟ ଜବାହରଲାଲ୍ ନେହରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ।

ଏହି ଉତ୍ସବରେ କେନ୍ଦ୍ର ରାଜ୍ୟ କ୍ରୀଡ଼ାମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେ, ଭାରତୀୟ ପାରାଲିମ୍ପିକ୍ କମିଟି ସଭାପତି ଦେବେନ୍ଦ୍ର ଝଝରିଆ, ଏସ୍‌ଭାୟାମ ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ମିନୁ ଜିନ୍ଦଲ ପ୍ରମୁଖ ଉପସ୍ଥିତ ଥିଲେ। ମାସ୍କଟର ନାଁ ଉଜ୍ଜ୍ୱଲା ରହିଛି ସେହିଭଳି ଖେଲେଗା ଖେଲେଗା ମେରା ଇଣ୍ଡିଆ, ଜିତେଗା ଜିତେଗା ମେରା ଇଣ୍ଡିଆ। ଆନ୍ଥେମ ରହିଛି। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୪ ଜଣ ଭାଗନେବେ।

# ଆଇପିଏଲ୍‌ରେ ଅମ୍ପାୟାରଙ୍କ ଲକ୍ଷ ଲକ୍ଷ ରୋଜଗାର

ନୂଆଦିଲ୍ଲୀ, ୧୯।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନ ବହୁତ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ସିଜିନରେ, ୬ ଜଣ ଖେଳାଳି ଏପରି ହେବେ ଯେଉଁମାନେ ୨୦ କୋଟି ଟଙ୍କା କିମ୍ବା ତାଠାରୁ ଅଧିକ ଦରମା ପାଇବେ। ଲକ୍ଷ୍ନୌ ସୁପରଜାଏଣ୍ଟସ ଏଥର ରିଷଭ ପନ୍ତଙ୍କୁ ୨୭ କୋଟି ଟଙ୍କାରେ କିଣି ସମସ୍ତ ରେକର୍ଡ ଭାଙ୍ଗିଛି, ଯାହା ତାଙ୍କୁ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ଭାବେ ବିବେଚନା କରାଯାଉଛି। କିନ୍ତୁ ମ୍ୟାଚ ସମୟରେ ଅମ୍ପାୟାରମାନେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, ସେମାନେ ଅମ୍ପାୟାରିଂ ପାଇଁ କେତେ ଟଙ୍କା ପାଆନ୍ତି ?

ଆଇପିଏଲରେ ସମସ୍ତ ଅମ୍ପାୟାରଙ୍କ ଦରମା ସମାନ ନୁହେଁ ସେମାନଙ୍କର ଦରମା ଅମ୍ପାୟାରଙ୍କ ଅଭିଜ୍ଞତା, ଏହା କି ପ୍ରକାରର ମ୍ୟାଚ (ନକଆଉଟ କିମ୍ବା ଲିଗ ପର୍ଯ୍ୟାୟ) ଉପରେ ନିର୍ଭର କରେ, ନୂତନ ଏବଂ ପୁରୁଣା ଅମ୍ପାୟାରଙ୍କ ଦରମାରେ ମଧ୍ୟ ଏକ ବିରାଟ ପାର୍ଥକ୍ୟ ଅଛି ଅନିଲ ଚୌଧୁରୀ ଆଇପିଏଲର ସବୁଠାରୁ ପ୍ରସିଦ୍ଧ ଅମ୍ପାୟାରମାନଙ୍କ ମଧ୍ୟରୁ ଜଣେ,



ତାଙ୍କର ୧୦୦ରୁ ଅଧିକ ମ୍ୟାଚରେ ଅମ୍ପାୟାରିଂ। କରିବାର ଅଭିଜ୍ଞତା ଅଛି କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତାଙ୍କୁ ପ୍ରତ୍ୟେକ ମ୍ୟାଚ ପାଇଁ ୧,୯୮,୦୦୦ ଟଙ୍କା ଦରମା ମିଳିଥାଏ। ନୀତୀନ ମେନନ, ବ୍ରୁସ ଅକ୍ସେନଫୋର୍ଡଙ୍କ ସମେତ ଅନେକ ପ୍ରସିଦ୍ଧ ଅମ୍ପାୟାର ପ୍ରତ୍ୟେକ ମ୍ୟାଚ ପାଇଁ ୧.୯୮ଲକ୍ଷ ଟଙ୍କା ପାଆନ୍ତି । କମ୍ ଅଭିଜ୍ଞ ଅମ୍ପାୟାରମାନେ ପ୍ରତ୍ୟେକ ମ୍ୟାଚ ପାଇଁ ୫୯,୦୦୦ ଟଙ୍କା ପାଆନ୍ତି, ଭାରତୀୟ ଅମ୍ପାୟାର ବୀରେନ୍ଦ୍ର ଶର୍ମା ମଧ୍ୟ ଏହି ତାଲିକାରେ ଅଛନ୍ତି କୁହାଯାଏ ଯେ ଜଣେ ଅମ୍ପାୟାର ଇଣ୍ଡିଆନ ପ୍ରିମିୟର ଲିଗରେ ଗୋଟିଏ ସିଜିନ ପାଇଁ ଅମ୍ପାୟାରିଂ ପାଇଁ ୭,୩୩,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ଆପଣଙ୍କୁ କହି ରଖୁଛୁ ଯେ ପ୍ରସିଦ୍ଧ ଅମ୍ପାୟାରମାନେ ମଧ୍ୟ ପ୍ରାୟୋଜକ ଚୁକ୍ତିରୁ ବହୁତ ରୋଜଗାର କରନ୍ତି। ଯେତେବେଳେ ପ୍ଲେଅଫ ମ୍ୟାଚ ସମୟରେ, ଅମ୍ପାୟାରମାନେ କେବଳ ବୋନସ ପାଆନ୍ତି।

# ଆମ ଲୋକ ପରାଜୟକୁ ଅପେକ୍ଷା କରିଥାନ୍ତି : ରୌଫ

ଇସଲାମାବାଦ, ୧୯।୩: ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦ୍ୱିତୀୟ ଟି-୨୦ରେ ହାରିବା ପରେ ହାରିସ ରୌଫ ସମାଲୋଚକମାନଙ୍କୁ ସମାଲୋଚନା କରିଥିଲେ। କ୍ରମାଗତ ଖରାପ ପ୍ରଦର୍ଶନ ପରେ ଦଳକୁ ପାକିସ୍ତାନୀ ପ୍ରଶଂସକମାନେ ସମାଲୋଚନା କରିଥିଲେ। ଏହା ଉପରେ ହରିସ ରୌଫ କହିଥିଲେ ଯେ ଯୁବପିଢ଼ିଙ୍କୁ ସମର୍ଥନ କରାଯିବା ଉଚିତ। ରୌଫ କହିଥିଲେ ଯେ ଲୋକମାନେ ପାକିସ୍ତାନ ଦଳର ହାରିବା ପାଇଁ ଅପେକ୍ଷା କରନ୍ତି।

ପ୍ରକୃତରେ, ପାକିସ୍ତାନ ଏବେ ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜରେ ୦-୨ରେ ପଛରେ ଅଛି ଏବଂ ସିରିଜର ବାକି ମ୍ୟାଚ ଜିତିବା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅତିଥି ଦଳ ଏଥର ସବୁଠାରୁ ଛୋଟ ଫର୍ମାଟ ପାଇଁ ଏକ ଅନଭିଜ୍ଞ ଦଳ ପଠାଇଛି, ଯେଉଁଥିରେ ବାବର ଆଜମ ଏବଂ ମହମ୍ମଦ ରିଜାନଙ୍କୁ ସାମିଲ କରାଯାଇ ନାହିଁ ତଥାପି, ଯୁବ ଖେଳାଳି ଏପର୍ଯ୍ୟନ୍ତ କୌଣସି ସଫଳତା ପାଇନାହାଁନ୍ତି କାରଣ ସିରିଜର ପ୍ରଥମ ମ୍ୟାଚରେ ପାକିସ୍ତାନ ଦଳ ମାତ୍ର ୯୧ ରନରେ ଅଲଆଉଟ ହୋଇଯାଇଥିଲା ।ସେ ଦ୍ୱିତୀୟ ମ୍ୟାଚରେ ଭଲ ପ୍ରଦର୍ଶନ କରିଥିଲେ, କିନ୍ତୁ ତାଙ୍କର ପ୍ରୟାସ ଯଥେଷ୍ଟ ନ ଥିଲା ।ବର୍ଷା ପ୍ରଭାବିତ ମ୍ୟାଚରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲା। ଏହା ବ୍ୟତୀତ, ହାସନ ନାଜ, ମହମ୍ମଦ ହାରିସ, ଇରଫାନ ଖାନ




ଏବଂ ଅବଦୁଲ ସମଦଙ୍କ ପରି ଖେଳାଳିମାନେ ଏପର୍ଯ୍ୟନ୍ତ ସିରିଜରେ ପ୍ରଭାବ ପକାଇପାରି ନାହାଁନ୍ତି। ଦୁଇଟି କ୍ରମାଗତ ପରାଜୟ ପରେ, ଦଳ ସମାଲୋଚକମାନଙ୍କ ଦ୍ୱାରା ସମାଲୋଚନାର ଶିକାର ହୋଇଛି ଏବଂ ସେମାନଙ୍କ ଖରାପ ପ୍ରଦର୍ଶନ ପାଇଁ ସମାଲୋଚିତ ହୋଇଛି।

ତୁମେ ସମାଲୋଚନା ବିଷୟରେ କହୁଛ, ମୁଁ ଭାବୁଛି ।ଏହା ପାକିସ୍ତାନରେ ଏକ ସାଧାରଣ କଥା ହୋଇଗଲାଣି, ରୌଫ କହିଥିଲେ ଏମାନେ ଯୁବ ଖେଳାଳି ତୁମେ ବିଶ୍ୱର ଯେକୌଣସି ଦଳକୁ ଯାଅ, ସେମାନେ ଯୁବପିଢ଼ିଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଅନ୍ତି ଯଦି ସେମାନେ ଯୁବପିଢ଼ିଙ୍କୁ ସୁଯୋଗ ଦିଅନ୍ତି, ତେବେ ସେମାନେ ନିଶ୍ଚିତ ଭାବରେ ସେମାନଙ୍କୁ ଲଗାତାର ୧୦ ରୁ ୧୫ ମ୍ୟାଚ ଖେଳିବାକୁ ବାଧ କରିବେ ଏହିପରି ସେମାନେ ଖେଳାଳି ହୁଅନ୍ତି। ମ୍ୟାଚ ପରେ ରୌଫ କହିଥିଲେ ଯେ, ଅନ୍ତର୍ଜାତୀୟ କ୍ରିକେଟରେ ଆସୁଥିବା ସମସ୍ତ ଖେଳାଳିଙ୍କୁ ଆରମ୍ଭରେ ସଂଘର୍ଷ କରିବାକୁ ପଡ଼ିଥାଏ ତୁମେ ସମାଲୋଚନା ବିଷୟରେ କହୁଛ, ଏହା ଏକ ସାଧାରଣ କଥା ହୋଇଗଲାଣି ସମସ୍ତେ କେବଳ ବସି ପାକିସ୍ତାନ ଦଳ ହାରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି, ଯାହା ଦ୍ୱାରା ସେମାନେ ଏହା ବିଷୟରେ କଥା ହୋଇପାରିବେ ତାଙ୍କର ନିଜସ୍ୱ ମତ ଅଛି, କିନ୍ତୁ ଆମେ ଆମର ନିଜସ୍ୱ ଦଳ ଗଠନ କରିବାକୁ ଚେଷ୍ଟା କରୁଛୁ।

# ପ୍ରଥମ ମ୍ୟାଚ୍ ଖେଳିବେନି ପାଣ୍ଡ୍ୟା, ସୂର୍ଯ୍ୟ ଅଧିନାୟକ

ନୂଆଦିଲ୍ଲୀ, ୧୯।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନର ବିଗୁଲ ବାଜିସାରିଛି ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ କୋଲକାତା ନାଇଟ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟରେ ଖେଳାଯିବ ଏହି ସିଜିନରେ, ମୁମ୍ବାଇ ଇଣ୍ଡିଆନ୍ସ ଦଳ ମାର୍ଚ୍ଚ ୨୩ରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ ହାର୍ଦ୍ଦିକ ପାଣ୍ଡ୍ୟା ଏହି ମ୍ୟାଚରେ ଖେଳିବେ ନାହିଁ

ଆପଣଙ୍କୁ କହି ରଖୁଛୁ ଯେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଆଇପିଏଲ ମ୍ୟାଚ ପାଇଁ ନିଷେଧ କରାଯାଇଛି ଏହି କାରଣରୁ, ସେ ୨୦୨୫ର ପ୍ରଥମ ମ୍ୟାଚ ଖେଳିପାରିବେ ନାହିଁ। ଏହି କାରଣରୁ ସେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହେବେ ନାହିଁ କିମ୍ବା ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ପ୍ଲେଇଂ ଇଲେଭେନର ଅଂଶ ହେବେ ନାହିଁ। ପ୍ରକୃତରେ, ସ୍ଲୋ ଓଭର




ରେଟ ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯାଇଛି ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଥିଲେ ଏହି ସମୟ ମଧ୍ୟରେ ଦଳକୁ ସ୍ଲୋ ଓଭର ରେଟ ପାଇଁ ତିନିଥର ଜରିମାନା ଦିଆଯାଇଥିଲା ଯେତେବେଳେ ଜଣେ ଅଧିନାୟକ ପ୍ରଥମ ଥର ପାଇଁ ଏହା କରନ୍ତି, ତାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ ଦ୍ୱିତୀୟ ଥର ପାଇଁ ଜରିମାନା ଦୁଇଗୁଣ ବୃଦ୍ଧି କରାଯାଇଛି ତେବେ ଏହା ତୃତୀୟ ଥର ପାଇଁ ହେଲେ , ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯିବ ଆଇପିଏଲ ୨୦୨୪ରେ, ସ୍ଲୋ ଓଭର ରେଟ ଯୋଗୁ ରିଷଭ ପନ୍ତଙ୍କୁ ମଧ୍ୟ ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯାଇଥିଲା।

ଏବେ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ମ୍ୟାଚ ପାଇଁ ବାସନ୍ଦ ହୋଇଥିବାରୁ ଏପରି ପରିସ୍ଥିତିରେ, ସେ ୨୩ ମାର୍ଚ୍ଚରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିପାରିବେ ନାହିଁ ତାଙ୍କ ଅନୁପସ୍ଥିତିରେ, ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ହେବେ। ଆଜି ଏମଆଇ ଆନୁଷ୍ଠାନିକ ଘୋଷଣା କରିଛି। ହାର୍ଦ୍ଦିକଙ୍କ ସ୍ଥାନରେ ରବିନ ମିଞ୍ଜଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିପାରେ। ଶେଷ ଥର ପାଇଁ ସୂର୍ଯ୍ୟ ୨୦୨୩ ସିଜିନରେ ମୁମ୍ବାଇ ଦଳର ଅଧିନାୟକ ହୋଇଥିଲେ ସେତେବେଳେ ରୋହିତ ଶର୍ମା ଅଧିନାୟକ ଥିଲେ ଏବଂ ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟ ଦାୟିତ୍ୱ ନେଇଥିଲେ ଏହି ମ୍ୟାଚ୍ ମୁମ୍ବାଇ ଜିତିଥିଲା, ଯେଉଁଥିରେ ସୂର୍ଯ୍ୟ ୨୫ବଲ୍‌ରେ ୪୩ ରନ୍ କରିଥିଲେ ଏହି ମ୍ୟାଚ୍‌ରେ, ରୋହିତ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଓପନିଂ କରିବାକୁ ଆସିଥିଲେ ଏବଂ ୧୩ ବଲ୍‌ରେ ମାତ୍ର ୨୦ ରନ୍ କରିପାରିଥିଲେ ।

ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସର ସମ୍ଭାବ୍ୟ ପ୍ଲେଇଂ ୧୧ ରୋହିତ ଶର୍ମା, ିଲ ଜ୍ୟାକ୍ସ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ରବିନ ମିଞ୍ଜ, ନମନ ଧୀର, ମିଚେଲ ସାଣ୍ଟନର, ଦୀପକ ଚହର, କର୍ଣ୍ଣ ଶର୍ମା, ଟ୍ରେଣ୍ଟ ବୋଲ୍ଟ ଏବଂ କର୍ବିନ ବୋଶ / ମୁଜୀବ ଉର ରହମାନ।

# ଦିନିକିଆରେ ୪୦୪ ରନର ଇନିଂସ ଖେଳି ରଚିଲେ ଇତିହାସ

ଢାକା, ୧୯।୩: କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ପାଇଁ ଖେଳୁଥିବା ମୁସ୍ତାକିମ ହାଉଲାଡାର ଇତିହାସ ରଚିଛନ୍ତି ଦିନିକିଆ। ମ୍ୟାଚରେ ସେ ୪୦୪ ରନ କରି ଅନେକ ରେକର୍ଡ ଭାଙ୍ଗିଛନ୍ତି। ଅପରାଜିତ ୪୦୪ ରନରେ ସେ ୫୦ ଚୌକା ଓ ୨୨ ଛକା ମାରିଥିଲେ। ମୁସ୍ତାକିମ କେବଳ ଚୌକା ଓ ଛକାରୁ ୩୩୨ ରନ କରିଥିଲେ। ବାଂଲାଦେଶର ସ୍ୱୀକୃତିପ୍ରାପ୍ତ କ୍ରିକେଟରେ ୪୦୦ରୁ ଅଧିକ ରନ କରିବାରେ ସେ ପ୍ରଥମ କ୍ରିକେଟର ହୋଇଛନ୍ତି ।ନବମ ଶ୍ରେଣୀର ଛାତ୍ର ମୁସ୍ତାକିମ ହାଉଲାଡାର ସ୍କୁଲ କ୍ରିକେଟରେ ଜିଲାସ୍ତରରେ ଏହି ମ୍ୟାଚ ଖେଳିଥିଲେ, ଯାହାକୁ ସରକାରୀ କ୍ରିକେଟ



ଭାବେ ଶ୍ରେଣୀଭୁକ୍ତ କରାଯାଇନାହିଁ। ଢାକା ବିଶ୍ୱବିଦ୍ୟାଳୟ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଇନିଂସରେ ସେ କେବଳ ବାଂଲାଦେଶୀ କ୍ରିକେଟ ନୁହେଁ, ବିଶ୍ୱ କ୍ରିକେଟକୁ ମଧ୍ୟ ଦୋହଲାଇ ଦେଇଛନ୍ତି ସୂଚନାଯୋଗ୍ୟ, ୫୦ ଓଭରର ଏହି ମ୍ୟାଚରେ ମୁସ୍ତାକିମ ଇନିଂସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କ୍ରିଜରେ ରହିଥିଲେ ।ମୁସ୍ତାକିମ ୪ ଘଣ୍ଟା ୨୦ ମିନିଟ ବ୍ୟାଟିଂ କରିଥିଲେ। ସେ ୧୭୦ ବଲରେ ୨୩୭ରୁ ଅଧିକ ଷ୍ଟ୍ରାଇକ ରେଟ ସହ ୪୦୪ ରନ କରିଥିଲେ। ସାଧାରଣତଃ ଦିନିକିଆ। ମ୍ୟାଚରେ ୩୫୦ ସ୍କୋର କରି ଦଳ ଖୁସି ରହୁଥିବାବେଳେ ମୁସ୍ତାକିମଙ୍କ ଐତିହାସିକ ଇନିଂସ କ୍ରିକେଟ ଜଗତ ପାଇଁ ନୂଆ। ମାନଦଣ୍ଡ ସୃଷ୍ଟି କରିଛି।

ଅଧିନାୟକ ସୋଆଦ ପରଭେଜଙ୍କ ସହ ମିଶି ସେ ୬୯୯ ରନର ଭାଗିଦାରୀ କରିଥିଲେ ସୂଚନାଯୋଗ୍ୟ, ଅଧିନାୟକ ପରଭେଜ ନିଜେ ୧୨୪ ବଲରୁ ୨୫୬ ରନ କରି ଅପରାଜିତ ଫେରିଥିଲେ ସେ ୨୦୬ର ଷ୍ଟ୍ରାଇକ ରେଟରେ ବ୍ୟାଟିଂ କରି ୩୨ ଚୌକା ଓ ୧୩ ଛକା ମାରିଥିଲେ, ଯାହା ଉଭୟଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍କୋର ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଧନ୍ୟବାଦ ଦେଇ କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ୭୭୦ ରନର ବିଶାଳ ସ୍କୋର କରିଥିଲା। ଗୋଟିଏ ପଟେ କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ପକ୍ଷରୁ ଚମତ୍କାର ବ୍ୟାଟିଂ ହୋଇଥିବା ବେଳେ ଏହି ଦଳର ବୋଲିଂ ମଧ୍ୟ ବିପର୍ଯ୍ୟସ୍ତ ଥିଲା ବିପକ୍ଷ ଦଳ ଥିଲା ସେଣ୍ଟ ଗ୍ରେଗୋରିଜ, ଯାହା ୧୧.୨ ଓଭରରେ ମାତ୍ର ୩୨ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ୭୩୮ ରନରେ ରେକର୍ଡ ବିଜୟ ହାସଲ କରିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ